

# ଭୁବନେଶ୍ୱର ସିଟି+

## ନିଖୋଜର ୨ ଦିନ ପରେ

# ଯୋବ୍ରା ବ୍ୟାରେଜ୍‌ରୁ ପ୍ରଫେସରଙ୍କ ମୃତଦେହ ଉଦ୍ଧାର

**କଟକ,୧୭।୧୨(ସମିସ):** ମହାନଦୀର ଯୋବ୍ରା ବ୍ୟାରେଜରୁ ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ମୃତଦେହ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଅଞ୍ଚଳର ବୈଷ୍ଣବ ଚରଣ ସିଂହ(୭୮)। ଗତ ୨ ଦିନ ହେବ ସେ ନିଖୋଜ ଥିଲେ। ଏହା ହତ୍ୟା କି ଆତ୍ମହତ୍ୟା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୁଲିସ ସୂଚନା ଅନୁସାରେ, ରାଜେନ୍ଦ୍ରନଗର ଅଞ୍ଚଳର ମୂଳ ବାସିନ୍ଦା ବୈଷ୍ଣବ ଚରଣ ସିଂହ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କେମେଷ୍ଟ୍ରି ବିଭାଗରେ ଅଧ୍ୟାପନା କରି ଅବସର ଗ୍ରହଣ କରିଛନ୍ତି। ଗତ କିଛି ବର୍ଷ ହେବ ସେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଅଞ୍ଚଳରେ ନିଜ ପୁଅ/ବୋହୁଙ୍କ ସହ ରହୁଥିଲେ। ପୂର୍ବଭଳି ଗତ ରବିବାର ସକାଳେ ସେ ପ୍ରାତଃଭ୍ରମଣରେ ବାହାରିଥିଲେ। ମାତ୍ର ମଧ୍ୟାହ୍ନ ୧୨ଟା ସୁଦ୍ଧା ଘରକୁ ଫେରିନଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ପକ୍ଷରୁ



ଖୋଜାଖୋଜି ଆରମ୍ଭ ହୋଇଥିଲା। ହେଲେ କୌଣସି ସ୍ଥାନରେ ତାଙ୍କର ପତ୍ତା ନମିଳିବାରୁ ପରିବାର ପକ୍ଷରୁ ନନ୍ଦନକାନନ ଥାନାରେ ଏତଲା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସିସିଟିଭି ଯାଞ୍ଚ କରିବାରୁ ବୈଷ୍ଣବ ୧୮ ନଂ ମୋ ବସରେ ଚଢିଥିବା ଜଣାପଡିଥିଲା। ଉକ୍ତ ବସର ସିସିଟିଭି ଓ କର୍ମଚାରୀଙ୍କୁ ପଚରାଉଚରା କରିବାରୁ ବୈଷ୍ଣବ କଟକ ଶିଖରପୁର ଛକରେ ଓହ୍ଲାଇଥିବା ଜଣାପଡିଲା। ହେଲେ କଟକ ଆସି ଯାଞ୍ଚ କରିବା ପରେ ବି ତାଙ୍କର ଖୋଜଖବର ମିଳିନଥିଲା। ଏହା ଭିତରେ ପରିବାର ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ତାଙ୍କ ନିଖୋଜ ନେଇ ପୋଷ୍ଟ କରାଯାଇଥିଲା। ତେବେ ଆଜି ସକାଳୁ ଯୋବ୍ରା ବ୍ୟାରେଜର ୯୪ ନଂ ଗେଟ ନିକଟରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ମାଲଗୋଦାମ ଓ ଜଗତପୁର ଥାନା ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀକୁ ଡାକି ମୃତଦେହ ଉଦ୍ଧାର କରିଥିଲେ। ଏହାପରେ ମୃତକଙ୍କ ପୁଅ ପହଞ୍ଚି ଶବ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏନେଇ ଜଗତପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ପ୍ରଫେସର ବୈଷ୍ଣବଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆତ୍ମହତ୍ୟା କି ହତ୍ୟା ନା ସେ ଦୁର୍ଘଟଣାର ଶିକାର ହୋଇଛନ୍ତି ତାହାର କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପରିଣତ ବୟସରେ ଏତେବାଟ ଆସି ଆତ୍ମହତ୍ୟା କରିବା ବିଷୟକୁ ପୁଲିସ ସହଜରେ ଗ୍ରହଣ କରୁନାହିଁ। ଅନ୍ୟପଟେ ଘଟଣା ସମ୍ପର୍କରେ ମୃତକଙ୍କ ପୁଅ ବିଶ୍ୱଜିତ୍ ସିଂହଙ୍କ କହିଛନ୍ତିଯେ, ବାପାଙ୍କର ମାନସିକ ସ୍ଥିତି ଭଲ ନଥିଲା। ସେ ବିଭିନ୍ନ ସମୟରେ ଘରୁ କେଉଁଆଡେ ପଳାଉଥିଲେ। ଆଉ କିଛି ସମୟ ଭିତରେ ଘରକୁ ଫେରିଆସୁଥିଲେ। ମାତ୍ର ରବିବାର ସକାଳ ପରଠାରୁ ସେ ଆଉ ଘରକୁ ଫେରିନଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଜୋନ୍ ଏସିପି ଅରୁଣ ସ୍ୱାଇଁ କହିଛନ୍ତି।

## ବଡ଼ ମେଡିକାଲ

# ଠିକାସଂସ୍ଥା ବିରୋଧରେ ବଢୁଛି ଅଭିଯୋଗ

**କଟକ,୧୭।୧୨(ସମିସ):** ବଡ଼ ମେଡିକାଲରେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ବିରୋଧରେ ଅଭିଯୋଗ ତାଲିକା ଲମ୍ବି ଚାଲିଛି। ଚାକିରି ଆଶାରେ ଠିକାସଂସ୍ଥାକୁ ଟଙ୍କା ଟେକି ଦେଇ ଠକାମିରେ ପଡ଼ିଥିବା ଅନେକ ଯୁବପୀଢ଼ୀ ଏବେ ପୁଲିସର ଦ୍ୱାରସ୍ଥ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ୮ଜଣ ମେଡିକାଲ ଫାଣ୍ଡିରେ ପହଞ୍ଚି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଘଟଣାର ତଦନ୍ତ ଚାଲିଛି। ସମାନ ଘଟଣାରେ ପୂର୍ବରୁ

**ଫାଣ୍ଡିର ଦ୍ୱାରସ୍ଥ ହେଲେ ଆଉ ୮ ଚାକିରି ଆଶାୟୀ**

ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି ଥାନାଧିକାରୀ ମାନେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

ଠକାମିର ଶିକାର ହୋଇଥିବା ଯୁବକ ଶୁଭମ ଗୁଣ୍ଡୁ କହିଛନ୍ତି, ଚାକିରି ପାଇଁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଦେଖି ଯୋଗାଯୋଗ କରିଥିଲି। ଏସ୍‌ସିବିରେ ଆଟେଣ୍ଡାଣ୍ଟ ସୁପରଭାଇଜରରେ ନିଯୁକ୍ତି ପାଇଁ ଆବେଦନ କରିଥିଲି। ଚାକିରି ଆଶାରେ ୩୫ ହଜାର ଟଙ୍କା ଦେଇଛି। ହେଲେ ଏବେ ଯାଏଁ ଚାକିରି ମିଳିନାହିଁ। ଅନ୍ୟପକ୍ଷରେ, ଅନ୍ୟାନ୍ୟ ସାତଜଣ ମଧ୍ୟ ଠକାମିର ଶିକାର ହୋଇଥିବା ଅଭିଯୋଗ କରି ଫାଣ୍ଡିରେ ପହଞ୍ଚିଥିଲେ। ଏସ୍‌ସିବି ମେଡିକାଲ କୁଳସଚିବ ଅବିନାଶ ରାଉତ କହିଛନ୍ତି ଯେ ଏସ୍‌ସିବିରେ ଆଟେଣ୍ଡାଣ୍ଟ, ସୁରକ୍ଷାକର୍ମୀ, ସଫେଇ କର୍ମୀ, ଲିଫଟ ଅପରେଟର, ଡାଟା ଏଣ୍ଟ୍ରି ଅପରେଟର, ଟେକ୍ନିସିଆନ ପଦରେ ୨୨୦୦ କର୍ମଚାରୀଙ୍କୁ ଆଉଟସୋର୍ସି ଜରିଆରେ ନିଯୁକ୍ତି କରାଯାଇଛି। ଯେଉଁଥିରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ କୌଣସି ଭୂମିକା ନଥାଏ। କେବଳ କିଛି ପଦ ପାଇଁ ମେଡିକାଲ ପକ୍ଷରୁ ଏକ ଟିମ ଗଠନ ହୋଇ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଏ। ବର୍ତ୍ତମାନ ଯେଉଁ ଦୁଇଟି ଆଉଟସୋର୍ସି ସଂସ୍ଥା ଏସ୍‌ସିବିରେ ନିଯୁକ୍ତି ଠକେଇ ଘଟଣାରେ ସାମିଲ ଅଛନ୍ତି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଆଗାମୀ ଦିନରେ ଏଭଳି ଘଟଣା ଯେପରି ନଘଟେ ସେ ଦିଗରେ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲରେ ବିଭିନ୍ନ ପଦରେ ଚାକିରି କରାଇବା ଆଳରେ ଟଙ୍କା ଦେଇ ଠକାମିର ଶିକାର ହୋଇ ସୁନ୍ଦରଗଡ ଅଞ୍ଚଳର ହୀରାମଣି ମଙ୍ଗଳାବାଗ ଥାନା ପୁଲିସ ଅଭିଯୋଗ କରିଥିଲେ। ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ସାରିଛି।

# ପିକ୍‌ନିକ୍ ଋତୁରେ ଅସୁରକ୍ଷିତ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୭ ।୧୨(ସମିସ):** ବର୍ଷ ଶେଷ ହେବାକୁ ଯାଉଥିବାବେଳେ ସବୁଆଡ଼େ ଭୋଜିଭାତର ଆସର ଆରମ୍ଭ ହେଲାଣି। ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବସରେ ପୋଷ୍ଟର ମାରି ମଉଜ କରିବାକୁ ବାହାରୁଛନ୍ତି। ଏଥିରୁ ବାଦ ପଡ଼ି ନାହାନ୍ତି ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ବାହାରୁଛନ୍ତି। ଗୋଟିଏ ବସରେ ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ଗ୍ୟାସ ସିଲିଣ୍ଡର ପରି ଦହନଶୀଳ ସାମଗ୍ରୀ ନେଉଛନ୍ତି। ବସର ଫିଟନେସ୍ ଓ ଓଭରଲୋଡିଂ ଯାଞ୍ଚ କରିବାକୁ କେହି ନାହାନ୍ତି। ଫଳରେ ପର୍ଯ୍ୟଟନ ଋତୁରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି।

ନଭେମ୍ବର ମାସରୁ ପିକନିକ ଆରମ୍ଭ ହୋଇଥିଲେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଏହା ବ୍ୟାପକ ହୋଇଛି। ଶନିବାର ଓ ରବିବାର ପର୍ଯ୍ୟଟନ ସ୍ଥଳୀରେ ଖଚାଖଚ ଭିଡ଼ ଲାଗୁଛି। ନୂଆବର୍ଷକୁ ଆଉ ମାତ୍ର ଦିନ କେଇଟା ଥିବାରୁ ଆଗକୁ ଭୋଜି ଭାତର ଆସର ଏହା ଆହୁରି ବଢ଼ିବ। ହଳଦିଆ ରଙ୍ଗର ବସ୍ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ସୁନିଶ୍ଚିତ କରୁଥିବାବେଳେ କିଛି ଘରୋଇ ବସ୍‌ରେ ଶିକ୍ଷାନୁଷ୍ଠାନର ନାମ ଲେଖା ପୋଷ୍ଟର ଲଗାଇ ପର୍ଯ୍ୟଟନ ସ୍ଥଳୀରେ ଲାଇନ୍ ଲାଗୁଛନ୍ତି। ବସର ତିନି ଟିକିଆ ସିଟ୍‌ରେ ଚାରି ଜଣ ଓ ଦୁଇ ଟିକିଆ ସିଟ୍‌ରେ ତିନି ଜଣ ଲେଖାଏଁ ବସି ଧାର୍ଯ୍ୟ ଠାରୁ ଢ଼େର ଅଧିକ ପିଲା ଯାଉଛନ୍ତି। ବାଟରେ ଖରାପ ହେଉଥିବାରୁ ବସର ଫିଟନେସ୍‌କୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ଓଭରଲୋଡିଂକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ନଜିର ନାହିଁ। ପର୍ଯ୍ୟଟନ ସ୍ଥଳୀରେ ଯାଞ୍ଚ କରିବାକୁ ମଧ୍ୟ କେହି ନାହାନ୍ତି। ଅନୁରୂପ ଭାବେ ଦହନଶୀଳ ସାମଗ୍ରୀ ବସରେ ପରିବହନ କରିବାକୁ ବାରଣ କରାଯାଇଥିଲେ ମଧ୍ୟ ରୋଷେଇ କରିବାକୁ ସେହି ବସରେ ହିଁ ଗ୍ୟାସ ସିଲିଣ୍ଡର ନେଉଛନ୍ତି। ଫଳରେ ପାଦେ ପାଦେ ବିପଦ ଜଗି ରହିଛି। ଅଘଟଣକୁ ଏଡ଼ାଇବା ପାଇଁ କେହି ତତ୍ପର ନାହାନ୍ତି। ପ୍ରତିଷେଧ

**ବସ୍‌ରେ ପରିବହନ ହେଉଛି ଗ୍ୟାସ ସିଲିଣ୍ଡର**

**ଫିଟନେସ୍ ଓଭରଲୋଡିଂ ଯାଞ୍ଚ କରିବାକୁ କେହି ନାହାନ୍ତି**

**ଅଘଟଣ ଏଡ଼ାଇବାକୁ ଏଯାଏଁ ଆସିନି ମାର୍ଗଦର୍ଶିକା**

ମୂଳକ ପଦକ୍ଷେପ ସ୍ୱରୂପ ପ୍ରତି ବର୍ଷ ପରି ଚଳିତ ଥର କୌଣସି ମାର୍ଗଦର୍ଶିକା ଜାରି ହେଇନି। ରାସ୍ତାରେ ପୁଲିସ୍ ଯାଞ୍ଚ କରୁନଥିବାବେଳେ ପରିବହନ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ବିପଦ ମୁଣ୍ଡାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସରକାର କଠୋର ମାର୍ଗଦର୍ଶିକା ଆଣିବାକୁ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି। ପିକନିକ ସ୍ପଟରେ ପୁଲିସ ଓ ଆରଟିଓ କର୍ମଚାରୀ ମୁତୟନ, ପିକନିକ ଗାଡ଼ି ପାଇଁ ସ୍ୱତନ୍ତ୍ର ଅନୁମତି, ପିକନିକ ଗାଡ଼ିରେ ଦହନଶୀଳ ସାମଗ୍ରୀ ପରିବହନକୁ ବାରଣ, ଓଭରଲୋଡ଼ିଂ ଯାଞ୍ଚ, ମଦ୍ୟପ ଡ୍ରାଇଭର ଧରା ପଡ଼ିଲେ ଗିରଫ ସହ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଗଲେ ବିପଦକୁ କିଛି ମାତ୍ରାରେ ରୋକାଯାଇପାରେ ବୋଲି ମତପ୍ରକାଶ ପାଇଛି।

## ଫାଟିଲା ବସ୍ ଆଗ ଚକ

**କଣ୍ଡାପଡ଼ା, ୧୭।୧୨(ସମିସ):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁରରୁ କଣ୍ଡାପଡା ବ୍ଲକ ଅଭିମୁଖେ ଆସୁଥିବା ଓଡି-୦୫ ବିଆର୍ ୭୯୨୪ ନମ୍ବର ବିଶିଷ୍ଟ ଲକ୍ଷ୍ମୀ ବସର ଆଗ ଚକ ଫାଟିଯିବାରୁ ଅଳ୍ପକେ ୩ ଜଣ ବର୍ତ୍ତି ଯାଇଛନ୍ତି। ସବୁଦିନ ପରି ଆଜି ସଂଧ୍ୟା



ପାଞ୍ଚଟା ସମୟରେ କଣ୍ଡାପଡ଼ା ଅଭିମୁଖେ ଆସୁଥିବାବେଳେ ଓଲଟପୁର ଥାନା ଅନ୍ତର୍ଗତ ବାଗଲପୁର ଦଣ୍ଡାମୁଣ୍ଡ ଠାରେ ହଠାତ ଡ୍ରାଇଭର ପଟର ଆଗ ଚକ ଫାଟି ଯାଇଥିଲା। ବସର ଡ୍ରାଇଭର କୌଣସି ମତେ ବସଟିକୁ ନିୟନ୍ତ୍ରଣ କରିନେବାରୁ ବସରେ ଥିବା ଡ୍ରାଇଭର, କଣ୍ଡକ୍ଟର ଓ ଜଣେ ଯାତ୍ରୀଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଯିବା ସହ ବ୍ୟସ୍ତବହୁଳ ବାଗଲପୁର-ଝାରପଡ଼ା ରାସ୍ତାରେ ଚଳପ୍ରଚଳ କରୁଥିବା ଅନ୍ୟାନ୍ୟ ଯାନବାହାନ ଓ ପଥଚାରୀଙ୍କ କୌଣସି କ୍ଷତି ହୋଇ ନ ଥିବାରୁ ଜନସାଧାରଣରେ ଡ୍ରାଇଭରଙ୍କ ଏହି ଉଦ୍ୟମକୁ ବେଶ ପ୍ରଶଂସା କରାଯାଇଛି।

# ଚା’ ଦୋକାନକୁ ମାଡ଼ିଗଲା ଟ୍ରାକ୍ଟର



**କଟକ,୧୭ ।୧୨(ସମିସ):** ସେଲଟର ଛକ ନିକଟରେ ସକାଳୁ ବଡ଼ ଧରଣର ଅଘଟଣ ଘଟିଛି। ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତାପାଶ୍ୱର୍ ଏକ ଚାହା ଦୋକାନ ଭିତରକୁ ପଶିଯାଇଥିଲା। ସୌଭାଗ୍ୟବଶତଃ ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସକାଳ ପ୍ରାୟ ୭ଟା ବେଳେ ଏକ ଖାଲି ଟ୍ରାକ୍ଟର ସେଲଟର ଛକ ପଟୁ ଦେଉଳସାହି ଆଡକୁ ଯାଉଥିଲା। ଗାଡିର ବେଗ ସାମାନ୍ୟ ଠାରୁ ଢେର ଅଧିକ ରହିଥିଲା। ତେବେ ବଙ୍ଗାଳୀ ସାହି ଗଳି ମୁହଁରେ ଟ୍ରାକ୍ଟର ଚାଳକ ଜଣକ ଭାରସାମ୍ୟ ହରାଇ ବସିଥିଲେ। ଏତିକିବେଳେ ଗଳିର ବାମ ପାଶ୍ୱର୍ରେ ଥିବା ଏକ ଚା’ ଦୋକାନ ଭିତରକୁ ଟ୍ରାକ୍ଟର ମାଡିଯାଇଥିଲା। ଦୁର୍ଘଟଣା ସମୟରେ ଦୋକାନୀ ଜଣକ ବାହାରେ ଛିଡା ହୋଇଥିଲେ। ଟ୍ରାକ୍ଟର ଦୋକାନ ଭିତରକୁ ପଶିଯିବାରୁ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ଦୁର୍ଘଟଣା ପରେ ବେପରୁଆ ଗାଡି ଚାଳନା କାରଣରୁ ସ୍ଥାନୀୟ ଲୋକେ ହୋହାଲ୍ଲା କରିଥିଲେ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଜଣକ ଖସି ପଳାଉଥିଲା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରିଥିଲେ। ବିଡାନାସୀ ଥାନା ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି।

■ **ଏବିଭିପି ମହାନଗର ସମ୍ମିଳନୀ**

## ଅଧ୍ୟାପିକା ସ୍ୱୟଂପ୍ରଭା ସଭାପତି, ପଙ୍କଜ ସମ୍ପାଦକ ମନୋନୀତ

**ଭୁବନେଶ୍ୱର, ୧୭।୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମହାନଗରର ନୂତନ ସଭାପତି ଭାବେ ଅଧ୍ୟାପିକା ଡ. ସ୍ୱୟଂପ୍ରଭା ମିଶ୍ର ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଛାତ୍ରନେତା ପଙ୍କଜ ମହାନ୍ତି ଓ ସହ ସମ୍ପାଦକ ଭାବେ ଗଙ୍ଗାଧର ପାଢ଼ୀ ନିର୍ବାଚିତ ହୋଇଛନ୍ତି। ନୂତନ କାର୍ଯ୍ୟକାରିଣୀ ଘୋଷଣା ହେବା ପରେ ଏକ ଶୋଭାଯାତ୍ରାରେ ଯାଇ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ସମ୍ମିଳନୀରେ ପୂର୍ବକ୍ଷେତ୍ର କ୍ଷେତ୍ରୀୟ ସହ ସଂଗଠନ ମନ୍ତ୍ରୀ ବୈଲୋଚନ ସାହୁ, ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ ଓ ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିବା ସହ ବିବେକାନନ୍ଦଙ୍କ ଜ୍ଞାନ-ଏକତା-ଚରିତ୍ର ବାର୍ତ୍ତା ସମ୍ପର୍କରେ ଆଲୋକପାତ କରିଛନ୍ତି।

**ଜନବସତିମୁହାଁ ବଣୁଆ ହାତୀ**

## ଖାଇଗଲେ ପାଚିଲା ଧାନ

**ନରସିଂହପୁର,୧୭।୧୨(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମରେ ଆଜକୁ ୮ ଦିନ ଧରି ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଛି। ସଂଧ୍ୟା ପରେ ଜଙ୍ଗଲୀ ହାତୀ ଜନବସତି ମୁହାଁ ହୋଇ ଗାଁ ଚାରିକଡେ ଥିବା ପାଚିଲା ଧାନକ୍ଷେତକୁ ଖାଇବା ସହ ଦଳିମକଚି ନଷ୍ଟ କରି ଚାଲିଛନ୍ତି। ଏଣେ ବନବିଭାଗ କର୍ତ୍ତୃପକ୍ଷଙ୍କ ଏଥିନେଇ ନିଘା ନ ଥିବାରୁ ସାଧାରଣ ଜନତା ତଥା ଚାଷୀକୁଳରେ ଆତଙ୍କ ଖେଳିଯାଇଛି। ହାତୀପଲ ସଂଧ୍ୟା ହେବା ପରେ ନିକଟସ୍ଥ ଜଙ୍ଗଲରୁ ବାହାରକୁ ବାହାରି ଗାଁ ମୁଣ୍ଡରେ ଥିବା ଧାନକ୍ଷେତ ଭିତରକୁ ପଶି ଉପଦ୍ରବ କରିବାରେ ଲାଗିଛନ୍ତି। ଏହି ହାତୀପଲରେ ଛୋଟରୁ ବଡ ପ୍ରାୟ ୮ରୁ ଅଧିକ ହାତୀ ଥିବାର କିଛି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ବାଲିସାହି ଗ୍ରାମ ସନ୍ନିକଟ ବାଲିସାହି, ଟୁବୁରିମୁଣ୍ଡିଆ ତଥା ଆଖପାଖ ଅଞ୍ଚଳରେ ବାରମ୍ବାର ହାତୀ ଆତଙ୍କ ଲାଗି ରହୁଥିବାର ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସ୍ଥାନୀୟ ବନବିଭାଗକୁ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ବନବିଭାଗ କର୍ମଚାରୀମାନେ ଏଥି ନେଇ କୌଣସି



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବ୍ଲାକ୍‌ମେଲ୍ କରି ଯୁବକ ଗିରଫ

**ଚୌଦ୍ୱାର,୧୭।୧୨(ସମିସ):** ଡିଜିଟାଲ ପ୍ଲାଟଫର୍ମରେ ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଭୟ ଦେଖାଇ ଜଣେ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ଓ ତାଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଯୁବକ ଜଣକ ହେଲେ ମାହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳର ଚିନ୍ମୟ ରାଉତ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଚିନ୍ମୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ମୋବାଇଲ ନମ୍ବର ଯୋଗାଡ଼ କରି ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ। ପରେ ଯୁବକ ଜଣକ ମହିଳାଙ୍କ କିଛି ଆପତ୍ତିଜନକ ଫଟୋ ଯୋଗାଡ କରି ତାହାକୁ ସୋସିଆଲ ମେଡ଼ିଆରେ ଭାଇରାଲ କରିଦେବାର ଧମକ ଦେଇ ତାଙ୍କ ନିକଟରୁ ବାରମ୍ବାର ଟଙ୍କା ଆଦାୟ କରୁଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା।

## ବାଣୀବିହାର ୮୦ର ବାର୍ଷିକ ସାଧାରଣ ଅଧିବେଶନ

**ଭୁବନେଶ୍ୱର, ୧୭।୧୨(ସମିସ):** ବ୍ରାହ୍ମଣଝରିଲୋ ନିକଟସ୍ଥ ଏକ କୃଷିଉଦ୍ୟାନରେ ରବିବାର ବାଣୀବିହାର ୮୦ ସଂଗଠନର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେରୁ ଅଧିକ ସଭ୍ୟସଭ୍ୟା ଯୋଗଦେଇଥିଲେ। ସଭ୍ୟ ଡ. ଅଜୟ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକା ଏହି ଅଧିବେଶନରେ ଉନ୍ମୋଚିତ ହୋଇଥିଲା। କବି ଅଲେଖ ନନ୍ଦୀଙ୍କ ଲିଖିତ ଏକ କବିତା ପୁସ୍ତକ ‘ନିମ୍ନଗା’ ମଧ୍ୟ ପାଠକାର୍ପିତ ହୋଇଥିଲା। ସଭାପତି ଶରତ ଦାଶଙ୍କ ଇସ୍ତଫା ପରିପ୍ରେକ୍ଷୀରେ ନୂତନ ସଭାପତି ଭାବେ ଡ. ପ୍ରତୀପ ମିଶ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ବାଣୀବିହାର ୮୦ ଆଗାମୀ ଦିନରେ ଏହାର ସମାଜସେବା କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସମ୍ପାଦକ ଆଶୁତୋଷ ଦାଶ ପ୍ରକାଶ କରିଥିଲେ।

**ୱାଲଟିୟର ଡିଭିଜନ ପୂର୍ବତଟ ରେଳବାଇର ମୁକୁଟ**

# ଅଲଗା କଲେ ଓଡ଼ିଶାର ପ୍ରଭୂତ କ୍ଷତି

**ଭୁବନେଶ୍ୱର,୧୭ ।୧୨(ସମିସ):** ପୂର୍ବତଟ ରେଳବାଇର ବିଭାଜନ ନିଷ୍ପତ୍ତି ପ୍ରତିବାଦରେ ଆଇଏନ୍‌ଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀଙ୍କ ନେତୃତ୍ୱରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏଥିରୁ ବିରତ ରହିବା ପାଇଁ ରେଳ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଆଜି ପ୍ରତିନିଧିମଣ୍ଡଳୀ ରେଳବାଇ ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ଚୌଧୁରୀ କହିଥିଲେ ଯେ ୱାଲଟିୟର ଡିଭିଜନ୍ ପୂର୍ବତଟ ରେଳବାଇର ମୁକୁଟ ସଦୃଶ। ୱାଲଟିୟର ଡିଭିଜନକୁ କାଟିଦେଲା ପରେ ପୂର୍ବତଟ ରେଳବାଇ ପ୍ରତିବର୍ଷ ୧୦ହଜାର କୋଟି ଟଙ୍କା ରାଜସ୍ୱ ହରାଇବ। ରେଳମନ୍ତ୍ରୀ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ନିର୍ବାଚିତ ହୋଇ ସଂସଦକୁ ଯାଇଛନ୍ତି। କିନ୍ତୁ ସେ ଓଡ଼ିଶାର ସ୍ୱାର୍ଥବିରୋଧୀ ହୋଇଛନ୍ତି।

ଶ୍ରୀ ଚୌଧୁରୀ କହିଛନ୍ତି, ପୂର୍ବତଟ ରେଳ ଜୋନ୍‌ର ୧୧୦୬ କିମି ରାସ୍ତାରୁ ୪୫୦ କିମି ବିଜୟୱାଡ଼ା



ସହିତ ମିଶ୍ରଣ ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ଏହା ଆନ୍ଧ୍ରରେ ଥିବା ନବଗଠିତ ଦକ୍ଷିଣତଟ ରେଳବାଇ ଅଧୀନରେ ଆସୁଛି। ଏହାଦ୍ୱାରା ପୂର୍ବତଟ ରେଳବାଇ ଏହାର ସବୁଠାରୁ ଅଧିକ ରୋଜଗାରକ୍ଷମ ୪୫୦ କିମି ରାସ୍ତା ହରାଇବ। ଏଥିସହ ପୂର୍ବତଟ ରେଳବାଇ ଭାଇଜାଗ ଇସ୍ପାତ କାରଖାନା, ବିଶାଖାପାଟଣା ବନ୍ଦର, କନୋର, ଏଚପିସିଏଲ୍ ଏବଂ ଗଙ୍ଗାଇରମ ବନ୍ଦର ଭଳି ରାଜସ୍ୱ ଅର୍ଜନ କରୁଥିବା ଉତ୍ସକୁ ମଧ୍ୟ ହରାଇବ। ୱାଲଟିୟର ଡିଭିଜନ ମିଶ୍ରଣ ବିନା ଦକ୍ଷିଣତଟ ରେଳ ଜୋନ୍ ଗଠନରେ ଅସୁବିଧା ନାହିଁ। ଉତ୍ତର ଓଡ଼ିଶାରେ ଆଉ ଏକ ଡିଭିଜନ୍ କରାଯାଉ। ବିଶାଖାପାଟଣା ୱାଲଟିୟର ରେଳବାଲ ଡିଭିଜନ ବଦଳରେ ରାୟଗଡ଼ାରେ ଏକ ନୂତନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରାଯାଇଛି। କିନ୍ତୁ ଏହା ଅଧିନରେ କୌଣସି ବନ୍ଦର, ଇସ୍ପାତ କାରଖାନା ଏବଂ ବଡ଼ ବଡ଼ ଶିଳ୍ପାଞ୍ଚଳ ନ ଥିବାରୁ ରାଜସ୍ୱ ଆୟ ହେବନି। ତେଣୁ ସମୁଦାୟ କେକେ ଲାଇନକୁ ରାୟଗଡ଼ା ବିଭାଗରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ୨୦୧୪ ବଜେଟରେ ଗଞ୍ଜାମ ଜିଲ୍ଲାର ଶୀତଳାପଲ୍ଲୀରେ ୱାଗନ କାରଖାନା ପାଇଁ ରେଳ ମନ୍ତ୍ରଣାଳୟ ଘୋଷଣା କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କଳାହାଣ୍ଡି ଜିଲ୍ଲା ନର୍ଲାଠାରେ ଏକ ୱାଗନ ମରାମତି କାରଖାନା ପ୍ରତିଷ୍ଠା କେବଳ ଘୋଷଣାରେ ରହିଗଲା ବୋଲି ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ଯୁବନେତା ଅମିୟ ପାଣ୍ଡବ, ଯୁବ ଆଇଏନଟିୟୁସିର ସଭାପତି ବିଷ୍ଣୁମୋହନ ରଥ, ସମ୍ପାଦକ ପ୍ରକାଶ ବେହେରା, ପ୍ରକାଶ ମିଶ୍ର, ଗଣେଶ ଦାଶ, ରାହୁଲ ମହାନ୍ତି, ଶ୍ରୀୟାସ୍ମିତା ପଣ୍ଡା, ବୁଲୁ ପତି, ଅମରେଶ ପରିଡ଼ା, ଜୟକୃଷ୍ଣ ସୁବୁଦ୍ଧି, ପ୍ରସନ୍ନ ନାୟକ, ଦେବରାଜ ମିଶ୍ର, ଆଶିଷ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଅସୁରକ୍ଷିତ ମୋ’ ବସ୍; ବରିଷ୍ଠ ନାଗରିକ ଲୁଟ୍‌ର ଶିକାର

**ଚୌଦ୍ୱାର,୧୭।୧୨(ସମିସ):** ଏବେ ମୋ’ ବସ ପାଲଟିଯାଇଛି ସମ୍ପୂର୍ଣ୍ଣ ଅସୁରକ୍ଷିତ। କେତେବେଳେ କେଉଁଠି ଦୁର୍ଘଟଣା ହେଉଛି ତ ଆଉ କେତେବେଳେ ହୁତୁ ହୁତୁ ହୋଇ ଜଳି ଯାଉଥିବା ଭଳି ଅଭାବନୀୟ ଘଟଣା ନଜରକୁ ଆସୁଛି। ତେବେ ଏସବୁ ପରେ ମଧ୍ୟ ମୋ’ ବସରେ ଯିବା ସୁରକ୍ଷିତ ନୁହନ୍ତି ବୋଲି ସଙ୍ଗୀନ ଅଭିଯୋଗ ଆସୁଛି। ଜଣେ ବରିଷ୍ଠ ନାଗରିକ ମୋ’ ବସରେ ଯାତ୍ରା କରୁଥିବାବେଳେ ତାଙ୍କର ପକେଟମାର ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଚୌଦ୍ୱାର ପୌରାଞ୍ଚଳର ୧୦ ନମ୍ବର ୱାଡର୍ ଚାରବାଟିଆ ନିୟୁ କଲୋନୀର ପ୍ରମୋଦ କୁମାର ନାୟକ ଜଣେ ବରିଷ୍ଠ ନାଗରିକ ହୋଇଥିଲେ ମଧ୍ୟ ଖବରକାଗଜ ଓ ବିଭିନ୍ନ ପତ୍ରପତ୍ରିକା ବିକ୍ରୟ କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ସେ ଗତକାଲି ମଧ୍ୟାହ୍ନ ସମୟରେ ଚୌଦ୍ୱାର ଚାରବାଟିଆ ବସ ଷ୍ଟାଣ୍ଡରୁ ବାଦାମବାଡ଼ିକୁ ବିଭିନ୍ନ ପତ୍ରପତ୍ରିକା ନେବା ପାଇଁ ମୋ’ ବସରେ ଆସିଥିଲେ। ତେବେ ବସରୁ ଓହ୍ଲାଇ ପକେଟରେ ହାତ ମାରିବା ପରେ ତାଙ୍କ ପକେଟରେ ଥିବା ୯୦୦ ଟଙ୍କା ଚୋରି ହୋଇଯାଇଥିବା ଜାଣିଥିଲେ। ଏନେଇ ସେ ଫୋନ ଯୋଗେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ରେବତୀ ବେହେରା

ରେଖା ନିବାସ, ବମିଖାଲ

ତିରୋଧାନ: ୯/୧୨/୨୦୨୪

ଏଇମିତି ଏକ ଡିସେମ୍ବରରେ ଏ ଘରକୁ ଆସିଥିଲ, ପୁଣି ଡିସେମ୍ବର ମାସରେ ଘର ଛାଡ଼ି ଚାଲିଗଲ। ତୁମେ ସମସ୍ତଙ୍କ ମା’ ଲକ୍ଷ୍ମୀ ହୋଇ ରହିଥିଲ, ରହିଥିବ। ତୁମର ସ୍ନେହ, ମମତା ଅପୂରଣୀୟ। ତୁମେ ସବୁବେଳେ ଆମ ହୃଦୟରେ ଥିଲ ଆଉ ରହିଥିବ। ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଦତଳେ ଅଶ୍ରୁଳ ପ୍ରାର୍ଥନା।

ତୁମର ହତଭାଗ୍ୟ ସ୍ୱାମୀ: ଗୌରାଙ୍ଗ
ପୁଅ: ବାବୁନି, ବୁଲୁ, ଲୁଲୁ, ପୁତ୍ରବଧୂ: ରଶ୍ମି, ଏଲି, ଟୁନି, ଝିଅ: ଗୀତା, ଲୀତା, ଲୀନା
ଜ୍ୱାଇଁ: ତପନ, ଗଗନ, ସନ୍ତୋଷ
ନାତିନାତୁଣୀ ଓ ଅନ୍ୟମାନେ

# ଭୁବନେଶ୍ବର ସିଟି





# ଜେଲ୍‌ରେ ହାର୍ଡକୋର୍ ମାଓବାଦୀ ସାଜିଛନ୍ତି ଶିକ୍ଷାଗୁରୁ

**ବନ୍ଧୁକ ବଦଳରେ କଲମ ଧରି ଦେଖାଉଛନ୍ତି ଶିକ୍ଷାର ମାର୍ଗ**

**ହିଂସା ବଦଳରେ ଅହିଂସାକୁ ଆପଣାଇବାକୁ ଦେଉଛନ୍ତି ପରାମର୍ଶ**

**ଜେଲ୍ ଭିତରେ ୨ବର୍ଷରେ ୧ହଜାର କଏଦୀଙ୍କୁ ପଢ଼ାଇଲେଣି**

ଭୁବନେଶ୍ବର, ୧୭।୧୨(ସମିସ): କଥାରେ ଅଛି ସମୟ କେତେବେଳେ କାହାକୁ ପରିବର୍ତ୍ତନ କରିଦେବ ତାହା ସେହି ସମୟ ହିଁ ଜାଣେ। ସମୟ ଚକ୍ରରେ କ୍ରୁର ସ୍ବଭାବର ମଣିଷଟି ମଧ୍ୟ ମିଷ୍ଟଭାଷୀରେ ପରିଣତ ହୋଇଯାଇଥାଏ। ଠିକ୍ ଯେପରି ଦସ୍ୟୁ ରତ୍ନାକର ବାଲ୍ମିକୀ ଋଷିରେ ପରିଣତ ହୋଇଥିଲେ; ମଣିଷ ପ୍ରକୃତିର ପରିବର୍ତ୍ତନ ହୁଏ ଏହା କାହିଁ କେଉଁ ଯୁଗରୁ ପ୍ରମାଣିତ ହୋଇସାରିଛି। ଏବେ ଆମେ ଏପରି ଜଣେ ବିଷୟରେ କହିବୁ ଯାହାଙ୍କୁ ଧରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। କିନ୍ତୁ କିଛି ବର୍ଷ ହେବ ଏହି ବ୍ୟକ୍ତି ଜଣଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆସିଛି। ବନ୍ଧୁକ ନୁହେଁ ହାତରେ କଲମ ଧରି ଦେଖାଉଛନ୍ତି ଶିକ୍ଷାର ମାର୍ଗ। ଏହି ବ୍ୟକ୍ତି ହେଉଛନ୍ତି ହାର୍ଡକୋର୍ ମାଓବାଦୀ ଥିବା ଆଜାଦ(ଡୁନା କେଶବ ରାଓ)। ୨୦୦୮ରୁ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ରହିଲେଣି। ସେବେଠୁ ଝାରପଡ଼ା ଜେଲ୍‌କୁ ଆସୁଥିବା ସମସ୍ତ କଏଦୀଙ୍କୁ ଦେଖାଉଛନ୍ତି ଶିକ୍ଷାର ମାର୍ଗ। ଶିକ୍ଷା ବିନା ଜୀବନ ନିରର୍ଥକ ବୋଲି ବୁଝାଇବା ସହ ଅପରାଧରୁ ଦୂରେଇ ରହିବା ପାଇଁ ଦେଖାଉଛନ୍ତି ବାଟ। ଦୁଇ ବର୍ଷରେ ସେ ୫ଶହରୁ ଅଧିକ ପିଲାଙ୍କୁ ପାଠ ପଢ଼ାଇଲେଣି। ସେଥିରୁ ଅନେକ ପିଲା ଝାରପଡ଼ା ଜେଲ୍‌ରୁ ବାହାରିବା ପରେ ନିଜ ଜୀବନକୁ ବଦଳାଇ ଦେଇଛନ୍ତି। ଅନେକ ପିଲା ମଧ୍ୟ ଆଜାଦଙ୍କଠାରୁ ଶିକ୍ଷାଲାଭ କରିବା ପରେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇଛନ୍ତି।

ଦିନେ ସମ୍ପୂର୍ଣ୍ଣ ଭାବେ ମାଓବାଦୀର କାଇଦା କାନୁନ୍‌ରେ ପରିଚାଳିତ ହେଉଥିଲେ ଆଜାଦ। ଆଉ ଭାରତୀୟ ବ୍ୟବସ୍ଥା ଉପରେ ବିଶ୍ୱାସ ନ ଥିଲା। ବିରୋଧ କରୁଥିଲେ ଭାରତୀୟ ବ୍ୟବସ୍ଥାକୁ। ଜଙ୍ଗଲରେ ମାଓବାଦୀ ପୋଷାକ ସହ ବନ୍ଧୁକ ଧରି ଘୂରି ବୁଲୁଥିଲେ ଦିନରାତି। ଷଡ଼ଯନ୍ତ୍ର ରଚୁଥିଲେ ସୁରକ୍ଷାବାହିନୀଙ୍କ ବିରୋଧରେ। ଟାର୍ଗେଟ୍‌ରେ ଥିଲେ ଭାରତୀୟ ସୁରକ୍ଷାବଳ। ଆଉ ନିରୀହ ଗ୍ରାମବାସୀଙ୍କୁ କରୁଥିଲେ ମାଧ୍ୟମ। ପ୍ରାଣ ବି ନେଇଯାଉଥିଲେ। ମାତ୍ର ୧୦ ବର୍ଷରୁ ଅଧିକ ଦିନ ମାଓ ସଂଗଠନରେ ସାମିଲ୍ ହୋଇ ଖେଳୁଥିଲେ ରକ୍ତର ହୋଲି। ଆଜାଦ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା କମାଣ୍ଡ ସମ୍ଭାଳୁଥିଲେ। ଏପରିକି ୨୦୦୮ରେ ବିଶ୍ୱ ହିନ୍ଦୁ ପରିଷଦ ଲିଡର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ମାମଲା ତାଙ୍କ ନାମରେ ରହିଛି। ତାଙ୍କ ନାମରେ ୧୦ ଲକ୍ଷର ପୁରସ୍କାର ମଧ୍ୟ ଘୋଷଣା ହୋଇଥିଲା। ଏପରିକି ଆଜାଦ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ତାଙ୍କ ନାମରେ ରହିଛି। ଓଡ଼ିଶାର ଏକାଧିକ ଥାନା ଉପରକୁ ଆକ୍ରମଣ କରିବା ଏବଂ ଆରମୋରୀ ଲୁଟିବା ଭଳି ସଙ୍ଗିନ ଅଭିଯୋଗ ରହିଛି। ନୟାଗଡ଼ର ଆରମୋରୀକୁ ଲୁଟ୍ କରିବା ଅଭିଯୋଗ ତାଙ୍କ ନାମରେ ରହିଛି। ଶେଷରେ ମାଓବାଦୀ ସଂଗଠନ ପ୍ରତି ତାଙ୍କର ବିମୁଖ ଭାବନା ଆସିଲା। ମାଓବାଦୀ କେବଳ ନିଜର ସ୍ୱାର୍ଥ ପାଇଁ ନିରୀହ ଲୋକଙ୍କ ଜୀବନ ନେଉଛି। କିନ୍ତୁ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁନି। ତେଣୁ ମାଓବାଦୀ ଆଜାଦ ୨୦୦୮ରେ ହାଇଦରାବାଦ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ପରେ ହାଇଦରାବାଦ ପୁଲିସ ଓଡ଼ିଶା ପୁଲିସକୁ ହସ୍ତାନ୍ତର କରିବା ପରେ ତାଙ୍କୁ ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା। ସେଠାରେ ରହିବା ପରେ ଆଜାଦ ନିଜକୁ ବଦଳାଇବା ସହ ଅନ୍ୟକୁ ବଦଳାଇବା ପାଇଁ ଲାଗି ପଡ଼ିଥିଲେ। ସେ ଝାରପଡ଼ା ଜେଲ୍‌ରେ ପିଜି ଡିପ୍ଲୋମା ପାଠପଢ଼ି ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ଏହାପରେ ସେ ଝାରପଡ଼ା ଜେଲ୍ ଭିତରେ ଥିବା ପାଠାଗାରର ଦାୟିତ୍ୱ ନେବା ସହ କଏଦୀଙ୍କୁ ପାଠ ପଢ଼ାଉଛନ୍ତି। ଯେଉଁମାନେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି; ସେମାନଙ୍କୁ ପଢ଼ାଉଛନ୍ତି। ଅନେକ ସମୟରେ ଏକାଧିକ କଏଦୀ ମାନସିକ ଭାରସାମ୍ୟ ହରାଉଛନ୍ତି। ତେଣୁ ଜେଲ୍ ଭିତରେ ତାଙ୍କୁ ଆଜାଦ ବୁଝାଇବା ସହ ପାଠ ପଢ଼ାଉଛନ୍ତି। ଅନେକ କଏଦୀ ଶିକ୍ଷିତ ହେବା ପରେ ଜାମିନରେ ବାହାରକୁ ବାହାରୁଛନ୍ତି। କିନ୍ତୁ ପରେ ଜେଲ୍‌କୁ ଆସି ଆଜାଦଙ୍କୁ ଭେଟି ଯାଉଛନ୍ତି। ଏନେଇ ଆଜାଦ କହିଛନ୍ତି ଯେ ସେ ସମାଜର ମୁଖ୍ୟ ସ୍ରୋତକୁ ଫେରି କଏଦୀଙ୍କୁ ପାଠ ପଢ଼ାଉଛନ୍ତି। କିନ୍ତୁ ସେ ଆଉ ହିଂସା ରାସ୍ତାର ପଥିକ ନୁହନ୍ତି। କେବଳ ଲୋକଙ୍କୁ ଶାନ୍ତିର ବାର୍ତ୍ତା ବାଣ୍ଟୁଛନ୍ତି। କିନ୍ତୁ ସରକାର ଜାଣିଶୁଣି ତାଙ୍କୁ ଜେଲ୍‌ରୁ ବାହାର ନ କରିବା ପାଇଁ ମାମଲା ପରେ ମାମଲା ଲଗାଉଛନ୍ତି। ଯେଉଁ ମାମଲାରେ ସେ ସମ୍ପୃକ୍ତ ନାହାନ୍ତି। ତେଣୁ ତାଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ଉପରେ ବିଚାର କରିବାକୁ ସେ ନିବେଦନ କରିଛନ୍ତି।

# ପୁଲିସକୁ ‘ଆପାର୍ଟମେଣ୍ଟ’ ଅଡୁଆ

ଭୁବନେଶ୍ବର, ୧୭।୧୨(ସମିସ): ଆପାର୍ଟମେଣ୍ଟ ଲୁଟ୍‌କୁ ୨୪ ଘଣ୍ଟା ବିତୁନି, ପୁଣି ଲୁଟ୍। ଏମିତି କେଉଁଦିନ ନାହିଁ, ଆପାର୍ଟମେଣ୍ଟରେ ରହୁଥିବା ବାସିନ୍ଦା ରାହାଜାନୀର ଶିକାର ହେଉନାହାନ୍ତି। ଆପାର୍ଟମେଣ୍ଟଗୁଡ଼ିକରେ ପଶି କଳାକନା ବୁଲାଉଥିବାରୁ ସେଠାରେ ରହୁଥିବା ବାସିନ୍ଦାମାନେ ତ୍ରାହି ତ୍ରାହି ଡାକିଲେଣି। ଆପାର୍ଟମେଣ୍ଟରୁ ଲୁଟ୍ ମାମଲା ଦେଖି ପୁଲିସର ଚିନ୍ତା ବଢ଼ିବା ସହ ମୁଣ୍ଡବିନ୍ଧାର କାରଣ ସାଜିଛି। ଏକାସାଥିରେ ୪ରୁ ୫ଜଣ ମିଶି ଘରେ ପଶି ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ଘରର ସମସ୍ତ ସଦସ୍ୟଙ୍କୁ ବନ୍ଦୀ କରି ସୁନାଗହଣା ଓ ଟଙ୍କା ଲୁଟି ନେଉଛନ୍ତି। ମୁହଁରେ ମୁଖା ବାନ୍ଧିଥିବାରୁ ରାହାଜାନୀ ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଚିହ୍ନଟ କରିବା ଏକଦମ୍ ମୁସ୍କିଲ। ଆପାର୍ଟମେଣ୍ଟ ଭିତରେ ଫ୍ଲାଟ୍‌ଧାରୀଙ୍କୁ ଡରାଇ ଧମକାଇ କିମ୍ବା ବନ୍ଦ ଥିବା ଫ୍ଲାଟ୍‌ଗୁଡ଼ିକରୁ ନଗଦ ଟଙ୍କା ଓ ସୁନାଗହଣା ସିନ୍ଧିଚୋରି କରୁଛନ୍ତି। ତେଣୁ ଲୋକମାନେ ଯେତିକି ଭୟଭୀତ, କମିସନରେଟ୍ ପୁଲିସ ତା'ଠାରୁ ବେଶି ନିନ୍ଦିତ ହେଲେଣି। ଏହା କ୍ରମଶଃ ବଢୁଥିବାରୁ ଆପାର୍ଟମେଣ୍ଟ ବାସିନ୍ଦାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ପୁଲିସକୁ ସମାଲୋଚନା କରୁଛନ୍ତି।



**ତ୍ରାହି ତ୍ରାହି ଡାକିଲେଣି ଆପାର୍ଟମେଣ୍ଟ ବାସିନ୍ଦା**

**ପୁଲିସ ଗଠନକଲା ରାହାଜାନୀ ନିରୋଧୀ ଟିମ୍**

**ଦିନ ମଜୁରିଆ ଆନ୍ତଃରାଜ୍ୟ ଲୁଟେରାଙ୍କ କାରସାଦି**

ସହରରେ ହୁ ହୁ ହୋଇ ବଢୁଥିବା ଆପାର୍ଟମେଣ୍ଟ ଲୁଟ୍‌ରେ ହ୍ରାସ କରିବା ସହ ଲୁଟେରାଙ୍କୁ ଧରିବା ଲାଗି ନୂଆ ଯୋଜନା ପ୍ରସ୍ତୁତ କରିଛି କମିସନରେଟ୍ ପୁଲିସ। ତେଣୁ ସବୁ ଘଟଣାରେ ଜବତ ହୋଇଥିବା ସିସିଟିଭି ଫୁଟେଜକୁ ନେଇ ତର୍ଜମା କରାଯାଇଛି। ଅଧିକାଂଶ ଲୁଟ୍‌ର ତରିକା ସମାନ ଥିବାରୁ ପୁଣିଥରେ ‘ଜିରୋ'ରୁ ସ୍ୱତନ୍ତ୍ର ଟିମ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏଥିସହ ଆପାର୍ଟମେଣ୍ଟରୁ ଲୁଟ୍ ରୋକିବାକୁ ୧୫୦ଜଣ ବଛାବଛା ପୁଲିସ କର୍ମଚାରୀଙ୍କୁ ନେଇ ରାହାଜାନୀ ନିରୋଧୀ ନାମରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଆପାର୍ଟମେଣ୍ଟଗୁଡ଼ିକରେ ବନ୍ଧୁକଧାରୀ ପୁଲିସ ସାଦା ପୋଷାକରେ ରହିଛନ୍ତି। ବିଶେଷକରି ଉପକଣ୍ଠଗୁଡ଼ିକରେ ଥିବା ଆପାର୍ଟମେଣ୍ଟରେ ସୁରକ୍ଷା ଦୁର୍ବଳ ସହ ଯାବତୀୟ ତ୍ରୁଟି ରହିଛି। ଆପାର୍ଟମେଣ୍ଟଗୁଡ଼ିକ ଥାନାଠାରୁ ଦୂରରେ ରହିବା ସହ ସିସିଟିଭି, ବାଉଣ୍ଡାରୀ, ସୁରକ୍ଷାକର୍ମୀ ଅଭାବ ଓ ଅନ୍ଧକାର ସୁଯୋଗ ନେଇ ଫ୍ଲାଟ୍‌ରେ ପଶି କଳାକନା ବୁଲାଉଛନ୍ତି। ଅନୁରୂପ ଭାବେ ଏହି ମାମଲାଗୁଡ଼ିକୁ ପରିଚାଳନା ଲାଗି ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ହୋଇଛି। ଏଥିରେ ସମସ୍ତ ଥାନାର ଥାନାଧିକାରୀ ଓ ଆପାର୍ଟମେଣ୍ଟର ସଭାପତି ଓ ସମ୍ପାଦକ ମଧ୍ୟ ଏହି ଗ୍ରୁପ୍‌ରେ ରହିଛନ୍ତି। ଅଚିହ୍ନା ଲୋକଙ୍କ ଚଳପ୍ରଚଳ ଓ ସନ୍ଦିଗ୍ଧ ଗାଡ଼ି ଦେଖିଲେ ତୁରନ୍ତ ପୁଲିସକୁ ଜଣାଇବା ଲାଗି କୁହାଯାଇଛି। ଯେଉଁ ଆପାର୍ଟମେଣ୍ଟର ସିସିଟିଭି ନାହିଁ କିମ୍ବା ଅଚଳ ହୋଇଛି, ତା'ର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ବିଶେଷକରି ଅନ୍ଧାରୁଆ ଜାଗାରେ ଥିବା ଆପାର୍ଟମେଣ୍ଟକୁ ଲୁଟେରା ଟାର୍ଗେଟ୍ କରୁଛନ୍ତି। ଦିନରେ ଦିନମଜୁରିଆ ହୋଇ କାମ କରୁଛନ୍ତି। ଆଉ ରାତିରେ ଆପାର୍ଟମେଣ୍ଟରୁ ଲୁଟ୍ କରି ଚମ୍ପଟ ମାରୁଛନ୍ତି। ସହରର ପ୍ରବେଶ ଓ ପ୍ରସ୍ଥାନରେ ରାତିତମାମ ଚେକିଂ ଓ ବ୍ଲକିଂ ସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରୁଛନ୍ତି। ଏହି ଅପରେସନବେଳେ କିଛି ସନ୍ଦିଗ୍ଧଙ୍କୁ ପୁଲିସ କାବୁ କରିଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ଆନ୍ତଃରାଜ୍ୟ ଲୁଟେରାଙ୍କ ସନ୍ଧାନ ମିଳିଛି ବୋଲି ଡିସିପି ପିନାକ୍ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ନିକଟ ଅତୀତରେ ରାଜଧାନୀର ୨୦ଟି ଆପାର୍ଟମେଣ୍ଟର ୩୫ ଫ୍ଲାଟ୍‌ରୁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହେଲାଣି। ପାହାଳ ଥାନା ତିରଣପସା ସ୍ଥିତ ସିଟି ହୋମ୍ ଆପାର୍ଟମେଣ୍ଟ, ସରୋବର ଓ ଉଷା ଏନ୍‌କ୍ଲେଭ୍‌ର ୮ଟି ଫ୍ଲାଟ୍, ଧଉଳି ଥାନା ବାପୁଜୀ ହାଇଟ୍‌ସ, ବିଶାଳ ଗାର୍ଡେନ୍‌ର ୪ ଫ୍ଲାଟ୍, ବାଲିଅନ୍ତା ରଙ୍ଗବଜାର ନିକଟସ୍ଥ ଶ୍ରେୟା ଆପାର୍ଟମେଣ୍ଟ ଓ ତନ୍ମୟ ଡୁପ୍ଲେକ୍ସରୁ ୨୦୦ ଗ୍ରାମ୍ ସୁନାଗହଣା ଏବଂ ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳର ଶ୍ରୀଜଗନ୍ନାଥ ୱାରିୟର୍ସ ରେସିଡେଣ୍ଟର ୫ ଫ୍ଲାଟ୍‌ରୁ ଚୋରି ହୋଇଛି।

ଆପାର୍ଟମେଣ୍ଟ ଲୁଟ୍ ପଛରେ ସୁରକ୍ଷାକର୍ମୀଙ୍କ ଭୂମିକା ରହୁଛି। ନିକଟରେ ଧଉଳି, ପାହାଳ ଓ ବାଲିଅନ୍ତା ଥାନା ଅଞ୍ଚଳରେ ଆପାର୍ଟମେଣ୍ଟରୁ ଲୁଟ୍‌ତରାଜ ପଛରେ ଆପାର୍ଟମେଣ୍ଟ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କ ସମ୍ପୃକ୍ତି ରହିଛି। ଲୁଟେରାଙ୍କୁ ଅପରାଧ ଘଟାଇବାରେ ସେମାନେ ବଳ ଯୋଗାଉଛନ୍ତି। ଆପାର୍ଟମେଣ୍ଟର ପ୍ରବେଶ ଓ ପ୍ରସ୍ଥାନରେ ନିୟୋଜିତ ରହୁଥିବା ସୁରକ୍ଷାକର୍ମୀ ଫୋନ୍‌ରେ କଥା ହେବା ଗେମ୍ ଖେଳରେ ବ୍ୟସ୍ତ ରହୁଥିବାବେଳେ ସୁରକ୍ଷାଗଡ଼କୁ ଭେଦ କରି ବିନା ଦ୍ୱିଧାରେ ଅପରାଧୀମାନେ ପ୍ରବେଶ କରୁଛନ୍ତି। ଆପାର୍ଟମେଣ୍ଟରୁ ଲୁଟ୍ ହେବା ପଛରେ ସୁରକ୍ଷାକର୍ମୀମାନଙ୍କ କାର୍ଯ୍ୟରେ ଅବହେଳାକୁ ଦାୟୀ କରାଯାଇଛି। ଆପାର୍ଟମେଣ୍ଟରୁ ଲୁଟ୍ ପରେ ସେଠାରେ ସିସିଟିଭିରେ ସୁରକ୍ଷାକର୍ମୀ କିଭଳି ବେପରୁଆ ଭାବେ ସୁରକ୍ଷା ଦାୟିତ୍ୱରେ ରହୁଛନ୍ତି ତାହା ପଦାକୁ ଆସିଛି। ସୁରକ୍ଷାରେ ଅତ୍ୟନ୍ତ ତ୍ରୁଟି ଓ ସୁରକ୍ଷାକର୍ମୀମାନେ ଆପାର୍ଟମେଣ୍ଟରୁ ଲୁଟ୍ ଲାଗି ଲୁଟେରାଙ୍କ ସହ ହାତ ମିଳାଉଥିବା ଅଭିଯୋଗ ରହିଛି। ତେଣୁ ଯେଉଁ ସବୁ ଆପାର୍ଟମେଣ୍ଟରୁ ଚୋରି ହୋଇଛି, ସେସବୁ ଅପାର୍ଟମେଣ୍ଟର ସୁରକ୍ଷାକର୍ମୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଜେରା କରାଯିବ।

ବିଗତ ଦେଢ଼ବର୍ଷ ହେବ ଆପାର୍ଟମେଣ୍ଟଗୁଡ଼ିକରୁ ରାହାଜାନୀ ଘଟଣା ଥମିବାର ନାଁ ଧରୁନି। ଆପାର୍ଟମେଣ୍ଟ ବାସିନ୍ଦାଙ୍କ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟି ନେଲେଣି। କିନ୍ତୁ ଲୁଟେରା ଓ ଲୁଟ୍ ସମ୍ପତ୍ତି ଜବତରେ ଏକଦମ୍ ଫେଲ୍ ହୋଇଛି କମିସନରେଟ୍ ପୁଲିସ। ଲୁଟେରାଙ୍କ ଠାବ ସହ ଲୁଟ୍ ରୋକିବା ଲାଗି ସମସ୍ତ ପ୍ରକାରର ରଣନୀତିରେ ଯବନିକା ପଡ଼ିଛି। ଲୁଟେରାଙ୍କୁ ଧରିବା ପାଇଁ ପୋଷ୍ଟର ଲଗାଇବା ଓ ଆଲାରମ୍ ବ୍ୟବସ୍ଥା ହୋଇଥିଲା। ଲୁଟେରାଙ୍କୁ ସାବାଡ଼ କରିବା ପାଇଁ ପୁଲିସର ଯାବତୀୟ ରଣନୀତିକୁ ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି ଲୁଟେରା। ଆପାର୍ଟମେଣ୍ଟର ଫ୍ଲାଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଲୁଟେରାଙ୍କ ଫଟୋକୁ ସଂଗ୍ରହ କରାଯାଇ ପୋଷ୍ଟର ମରାଯାଇଥିଲା। ଉକ୍ତ ପୋଷ୍ଟରଗୁଡ଼ିକୁ ଲୁଟେରାଙ୍କୁ ମୋଷ୍ଟୱାଣ୍ଟେଡ୍ ଘୋଷଣା କରି ସହରର ବିଭିନ୍ନ ସ୍ଥାନରେ ଛପାଯାଇଥିଲା। ଅନୁରୂପ ଭାବେ ବନ୍ଦ ଘରେ ଚୋର ପଶିଲେ ମୋବାଇଲ୍ ଫୋନ୍‌ରେ ଆଲାରମ୍ ବାଜିବା ଭଳି ବ୍ୟବସ୍ଥା ହୋଇଥିଲା। ଲୁଟେରାଙ୍କୁ ଧରିବା ଲାଗି ପୁଲିସ ଏକାଧିକ ଯୋଜନା ଅଧାରେ ଅଟକିଯିବା ସହ ପୁଲିସ ଅଧିକାରୀ ସ୍ତରରେ ଅଦଳବଦଳ ପରେ ସମ୍ପୂର୍ଣ୍ଣ ଧିମେଇ ଯାଇଥିଲା। ତେଣୁ ପୁଣି ଲୁଟେରା ସକ୍ରିୟ ହୋଇ ଆପାର୍ଟମେଣ୍ଟଗୁଡ଼ିକର ଫ୍ଲାଟ୍‌ରୁ ଟଙ୍କା ଓ ସୁନାଗହଣା ଲୁଟି ଖାଲି କରିଦେଲେଣି।

**୬୦ ହଜାର ଲୁଟ୍ ଘଟଣା**

## ଖବର ପ୍ରକାଶ ପରେ ୫୦ ହଜାର ଫେରାଇଲେ

ଧଉଳି, ୧୭।୧୨(ସମିସ): ବେକରେ ଛୁରୀ ଲଗାଇ ସୋମବାର ଜଣେ ଯୁବକଙ୍କ ଫୋନ୍ ପେ' ଆକାଉଣ୍ଟରୁ ୬୦ ହଜାର ଟଙ୍କା ଲୁଟ୍ ଘଟଣାର ଖବର ପ୍ରକାଶ ପରେ ୨୪ ଘଣ୍ଟା ନ ପୂରୁଣୁ ୫୦ହଜାର ଫେରାଇଛନ୍ତି ଦୁର୍ବୃତ୍ତ। ଆଉ ୧୦ହଜାର ଫେରାଇ ନ ଥିବା ଜଣାପଡ଼ିଛି।

ଖବର ନେବାରେ ଜଣାପଡ଼ିଛି, ବାଲକାଟି ଫାଣ୍ଡି ଅଞ୍ଚଳର ଜଣେ ଯୁବକ ବାଇକ୍ ଯୋଗେ ପିପିଲିରୁ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୮ଟାରେ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ କେଇସି କଲେଜ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ପଇସା ମାଗିଥିଲେ। ତାଙ୍କ ପାଖରେ ପଇସା ନ ଥିବା କହିବାରୁ ଯୁବକଙ୍କଠାରୁ ମୋବାଇଲ୍ ଛଡ଼ାଇ ନେଇ ବେକରେ ଛୁରୀ ଲଗାଇ ଫୋନ୍ ପେ' ସିକ୍ରେଟ୍ କୋଡ୍ ବ୍ୟବହାର କରି ଆକାଉଣ୍ଟରୁ ୬୦ ହଜାର ଟଙ୍କା ତାଙ୍କ ଫୋନ୍ ପେ' ଆକାଉଣ୍ଟକୁ ନେଇଯାଇଥିଲେ। ଏନେଇ ଯୁବକ ଜଣକ ସମ୍ପୃକ୍ତ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଫାଣ୍ଡି ପୁଲିସ ଉକ୍ତ ଫୋନ୍ ପେ' ନମ୍ବରକୁ କଲ୍ କରିଥିଲେ ହେଁ ସେ ଉଠାଇ ନ ଥିଲେ। ମଙ୍ଗଳବାର ଖବର ପ୍ରକାଶ ପରେ ଦୁର୍ବୃତ୍ତମାନେ ଉକ୍ତ ଯୁବକଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ଫେରାଇଛନ୍ତି।

## ଘରୋଇ ବିଶ୍ୱବିଦ୍ୟାଳୟ କେୟାର ଟେକରଙ୍କୁ ଛୁରାମାଡ଼

**ହଷ୍ଟେଲରେ ରହୁଥିବା ଆଫ୍ରିକୀୟ ଛାତ୍ର ଗିରଫ**

ଭୁବନେଶ୍ବର, ୧୭।୧୨(ସମିସ): ଶୋଇବା ପାଇଁ ମ୍ୟାଟ୍ ନ ଦେବାରୁ ଘରୋଇ ଇଞ୍ଜିନିୟରିଂ କଲେଜର ହଷ୍ଟେଲ କେୟାର ଟେକରଙ୍କୁ ଛୁରାମାଡ଼ ହୋଇଛି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ଜଣେ ନାଇଜେରିଆନ୍ ଛାତ୍ରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜୁନିୟର ୱାଫି ଓହେଙ୍ଗୁ ମାକୋଇଡେଲ। ତାଙ୍କ ଘର ଆଫ୍ରିକାରେ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଛାତ୍ର ଜଣକ ୩ ବର୍ଷ ହେବ ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ଗତ ରବିବାର ରାତିରେ ତାଙ୍କୁ ଶୋଇବା ପାଇଁ ମ୍ୟାଟ୍ ଦିଆଯାଇ ନ ଥିଲା। ସେ ହଷ୍ଟେଲ କେୟାର ଟେକରଙ୍କୁ ମାଗିଥିଲେ ମଧ୍ୟ ମ୍ୟାଟ୍ ମହଜୁଦ ନ ଥିବାରୁ ଦିଆଯାଇ ନ ଥିଲା। ଏହି ଘଟଣାକୁ କେନ୍ଦ୍ରକରି ସେ ହଷ୍ଟେଲ କେୟାର ଟେକର ସ୍ୱାଭିମାନ ନାୟକଙ୍କୁ ଏକ ଛୁରୀରେ ଭୁସି ଦେଇଥିଲେ। ସେ ଆହତ ହୋଇ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତାଙ୍କୁ ଗିରଫ କରିଛି।

**ମାତାଲ ଯୁବତୀଙ୍କ ହଙ୍ଗାମା**

## ମହିଳା ପୁଲିସଙ୍କ ମୁଣ୍ଡ ଫଟାଇଦେଲେ

ଭୁବନେଶ୍ବର, ୧୭।୧୨(ସମିସ): ଚନ୍ଦ୍ରଶେଖରପୁର ଥାନା ନିକଟରେ ଜଣେ ମାତାଲ ଯୁବତୀ ଆତଙ୍କରାଜ ଖେଳାଇଛନ୍ତି। ମଦ ଦୋକାନରେ ପଶି ହଙ୍ଗାମା କରିବା ସହ ଲୋକଙ୍କୁ ମାଡ଼ ମାରିବାକୁ ଗୋଡ଼ାଇଥିଲେ। ଏପରିକି ଯୁବତୀ ଜଣକ ଚାଲିପାରୁ ନ ଥିବାବେଳେ ଯାହାକୁ ପାଇଲା ମାରିବାକୁ ଗୋଡ଼ାଉଥିଲେ। ବାଟରେ ଯିବାବେଳେ ଗୋଡ଼ ତାଙ୍କର ଠିକ୍ ଢଙ୍ଗରେ ପଡୁ ନ ଥିଲା। ବାଟରେ ଥିବା ଏକାଧିକ ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ଖବର ପାଇ ଚନ୍ଦ୍ରଶେଖରପୁର ପିସିଆର୍ ଭ୍ୟାନ୍ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ ମଧ୍ୟ ଜଣେ ମହିଳା ପୁଲିସଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏହି ଯୁବତୀ ଜଣକ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ, ଇନ୍‌ଫୋସିଟି, ଖଣ୍ଡଗିରିରେ ଆତଙ୍କରାଜ କରିଥିଲେ।

**ସୀମା ଟପିଲା ବ୍ୟାଙ୍କ ଏଜେଣ୍ଟଙ୍କ କାରସାଦି; ଦୁଇ ଗିରଫ**

## ଘର ବନ୍ଧକ ରଖି ୮୦ ଲକ୍ଷ ଆତ୍ମସାତ୍



ଭୁବନେଶ୍ବର, ୧୭।୧୨(ସମିସ): ଘର ମାଲିକଙ୍କୁ ଋଣ କରାଇଦେବାକୁ କହିବା ସହ ଘର ବନ୍ଧକ ରଖି ୮୦ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ସେମାନେ ହେଲେ ଏୟାରଫିଲ୍ଡ ଥାନା ଭୀମଟାଙ୍ଗିର ଆଶୁତୋଷ ଆଚାର୍ଯ୍ୟ (୪୭) ଓ ଧଉଳିର ବିଭୂତିଭୂଷଣ ପ୍ରଧାନ ଓରଫ ବିଭୂ (୩୬)।

ପୁଲିସର କହିବା ଅନୁଯାୟୀ, ୨୦୧୯ରେ ଅଭିଯୋଗକାରିଣୀଙ୍କ ଆର୍ଥିକ ସମସ୍ୟା ଥିବାରୁ ତାଙ୍କର ୧୦ ଲକ୍ଷ ଟଙ୍କା ଆବଶ୍ୟକ ରହିଥିଲା। ତେଣୁ ଏକ ବ୍ୟାଙ୍କର ଏଜେଣ୍ଟ ଥିବା ବିଭୂତିଭୂଷଣଙ୍କୁ ଯୋଗଯୋଗ କରିବା ସହ ସହାୟତା ଲୋଡ଼ିଥିଲେ। ବିଭୂ ତାଙ୍କର ସହଯୋଗୀ ଆଶୁତୋଷଙ୍କର ଅନେକ ଅଫିସର ଓ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତୁରନ୍ତ ଋଣ ମିଳିବ ବୋଲି ଅଭିଯୋଗକାରିଣୀଙ୍କୁ କହିଥିଲେ। ଦୁଇ ଅଭିଯୁକ୍ତଙ୍କ କଥାରେ ଅଭିଯୋଗକାରିଣୀ ଓ ତାଙ୍କର ସ୍ୱାମୀ ବିଶ୍ୱାସ କରିଥିଲେ। ପରେ ଆଶୁତୋଷଙ୍କ ଘରକୁ ଯାଇ ସେମାନଙ୍କୁ ଜମି ବାବଦକୁ ବ୍ୟାଙ୍କରୁ ଋଣ କରାଇଦେବା ପାଇଁ ଅଭିଯୋଗକାରିଣୀ କହିଥିଲେ। ଉଭୟ ଅଭିଯୁକ୍ତଙ୍କୁ ବିଶ୍ୱାସ କରି ଦମ୍ପତି ଜମିର ଦଲିଲ ଦେବା ସହ ଅନେକ ଦସ୍ତାବିଜ୍‌ରେ ଦସ୍ତଖତ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଋଣ ବାବଦରେ ଦମ୍ପତିଙ୍କୁ ୧୦ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ। ୨୦୨୦ରେ ପୁନର୍ବାର ଅଭିଯୁକ୍ତମାନେ ଦମ୍ପତିଙ୍କ ଘରକୁ ଯାଇ ସେମାନେ ନେଇଥିବା ଋଣର ସୁଧହାର ଦୁଇ ଗୁଣ ହୋଇଯିବାର ଭୟ ଦେଖାଇ ସେମାନଙ୍କୁ ପୁନର୍ବାର ବ୍ୟାଙ୍କକୁ ଯାଇ କିଛି ଦସ୍ତଖତ କରିବା ପାଇଁ ବାଧ୍ୟ କରିଥିଲେ। ଦୁଇ ଅଭିଯୁକ୍ତଙ୍କ କଥାରେ ପଡ଼ି ଦମ୍ପତି ଦସ୍ତଖତ କରିବା ପରେ ସେମାନେ ତଞ୍ଚକତା କରି ବ୍ୟାଙ୍କରୁ ୯୦ ଲକ୍ଷ ଟଙ୍କା ଉଠାଇ ସାରିଥିଲେ। ଦମ୍ପତି କମ୍ ପାଠ ପଢ଼ିଥିବାରୁ ସେମାନଙ୍କ ଘରକୁ ବ୍ୟାଙ୍କରେ ବାନ୍ଧକ ରଖିବା ବାବଦରେ ଏକାଧିକ କାଗଜପତ୍ରରେ ଦସ୍ତଖତ କରି ୯୦ ଲକ୍ଷ ଟଙ୍କା ଉଠାଇଥିଲେ। ଦମ୍ପତିଙ୍କୁ ୧୦ ଲକ୍ଷ ଦେଇ ବଳକା ୮୦ ଲକ୍ଷ ଆତ୍ମସାତ୍ କରିଥିଲେ। ଏହି ଘଟଣାର କିଛି ଦିନ ପରେ ବ୍ୟାଙ୍କରୁ ନୋଟିସ୍ ଆସିଥିଲା, ଯେଉଁଥିରେ ସେମାନଙ୍କୁ ୮୯ ଲକ୍ଷ ଟଙ୍କାର ସୁଧ ଓ ମୂଳ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ଟଙ୍କା ନ ସୁଝିଲେ ସେମାନଙ୍କ ଘର ନିଲାମ କରାଯିବ ବୋଲି ସେଥିରେ ଦର୍ଶାଯାଇଥିଲା। ଏହି କଥା ଶୁଣିବା ପରେ ଦମ୍ପତି ମୁଣ୍ଡରେ ହାତ ଦେବା ସହ ଥାନାରେ ଅଭିଯୋଗ କରିଥିଲେ। ଲକ୍ଷ୍ମୀସାଗର ଥାନା ପୁଲିସ ତଞ୍ଚକତାରେ ସମ୍ପୃକ୍ତି ରହିଥିବା ଦୁଇ ଏଜେଣ୍ଟଙ୍କୁ କାବୁ କରି ନେଇଥିଲା।

**ପ୍ରେମିକାକୁ ନେଇ ସ୍ୱାମୀ ଫେରାର୍ ଅଭିଯୋଗ**

## ରାଜଧାନୀରେ ଖୋଜିଲା ହରିୟାଣା ପୁଲିସ; ଢେଙ୍କାନାଳରୁ ଉଦ୍ଧାର

ଭୁବନେଶ୍ବର, ୧୭।୧୨(ସମିସ): ରାଜଧାନୀରେ ଡେରା ପକାଇଛି ହରିୟାଣା ପୁଲିସ୍। ଇନ୍‌ଫୋସିଟି ଥାନା ପୁଲିସ ସହାୟତାରେ ହରିୟାଣା ପୁଲିସ ପ୍ରଶାନ୍ତି ବିହାରରେ ଘରକୁ ଘର ବୁଲି ଯାଞ୍ଚ କରୁଛି। କାରଣ ହରିୟାଣାର ଜଣେ ବ୍ୟବସାୟୀ ପ୍ରେମିକାକୁ ନେଇ ଫେରାର୍ ହୋଇଯାଇଛନ୍ତି। ଏନେଇ ବ୍ୟବସାୟୀଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ହରିୟାଣା ପୁଲିସ ଭୁବନେଶ୍ୱରରେ ଖୋଜିଥିଲା। ଶେଷରେ ଫେରାର୍ ବ୍ୟବସାୟୀ ଏବଂ ପ୍ରେମିକାଙ୍କୁ ଢେଙ୍କାନାଳରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ହରିୟାଣାର ଜଣେ ବ୍ୟବସାୟୀ ଜଣେ ମହିଳାଙ୍କୁ ବିବାହ କରିଥିଲେ। ହେଲେ ହାଇଦରାବାଦର ଅନ୍ୟ ଜଣେ ବିବାହିତା ଓଡ଼ିଆ ମହିଳାଙ୍କୁ ପ୍ରେମ କରୁଥିଲେ। କିଛି ଦିନ ପରେ ବ୍ୟବସାୟୀ ଏବଂ ଓଡ଼ିଆ ମହିଳା ଜଣକ ଫେରାର୍ ହୋଇ ଭୁବନେଶ୍ୱର ପଳାଇ ଆସି ରହୁଥିଲେ। ଏନେଇ ବ୍ୟବସାୟୀଙ୍କ ପତ୍ନୀ ଥାନାରେ ଅପହରଣ ଅଭିଯୋଗ କରିବା ପରେ ହରିୟାଣା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଲୋକେସନ୍ ଟ୍ରାକ୍ କରି ଶେଷରେ ଭୁବନେଶ୍ୱରରେ ପହଞ୍ଚିଥିଲେ। କିନ୍ତୁ ଏଠାରେ ନ ପାଇ ଢେଙ୍କାନାଳ ଯାଇ ଯାଞ୍ଚ କରିବା ପରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ଆଜକୁ ୧୦ ଦିନ ତଳେ ହରିୟାଣାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅପହରଣ କରାଯାଇଥିବା ନେଇ ପତ୍ନୀ ଅଭିଯୋଗ କରିଥିଲେ। ଏହି ମାମଲାରେ ତଦନ୍ତବେଳେ ହରିୟାଣା ପୁଲିସକୁ ଓଡ଼ିଶା ଲିଙ୍କ୍ ମିଳିଥିଲା। ଅପହରଣର ମାଷ୍ଟରମାଇଣ୍ଡର ମୋବାଇଲ୍ ଲୋକେସନ୍ ଇନ୍‌ଫୋସିଟି ଥାନା ପ୍ରଶାନ୍ତି ବିହାରରୁ ମିଳିଥିଲା। ଏହା ପରେ ହରିୟାଣା ପୁଲିସ ୪ ଜଣିଆ ଟିମ୍ ଓଡ଼ିଶା ଅଭିମୁଖେ ଆସିଥିଲା। ପୁଲିସ୍ ଟିମ୍ ମଙ୍ଗଳବାର ମଧ୍ୟାହ୍ନରେ ଇନ୍‌ଫୋସିଟି ଥାନାରେ ପହଞ୍ଚିଥିଲେ। ଇନ୍‌ଫୋସିଟି ଥାନା ପୁଲିସ୍ ସହାୟତାରେ ହରିୟାଣା ପୁଲିସ୍ ପ୍ରଶାନ୍ତି ବିହାରକୁ ଯାଇଥିଲେ। ଘରକୁ ଘର ବୁଲି ଲୋକଙ୍କୁ ପଚାରିଥିଲେ। ଏପରିକି ମୋବାଇଲ୍ ଲୋକେସନ୍ ମିଳିଥିବା ଘରେ ଯାଞ୍ଚ କରିଥିଲେ। ହେଲେ ସେମାନଙ୍କୁ ପାଇବାରେ ସଫଳ ହୋଇ ନ ଥିଲେ। ପରେ ଢେଙ୍କାନାଳରେ ଅପହରଣ ବ୍ୟବସାୟୀଙ୍କ ଲୋକେସନ୍ ଆସିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା।











# ଆନନ୍ଦ ବଜାରରେ ତିକ୍ତ ଅନୁଭୂତି



ଭୁବନେଶ୍ୱର, ୧୭।୧୨(ସମିସ): ଏକାମ୍ର କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଲିଙ୍ଗରାଜଙ୍କ ମନ୍ଦିରକୁ ଦୈନିକ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସୁଛନ୍ତି। ତାଙ୍କ ଭିତରୁ ଅନ୍ୟୁନ ୪ରୁ ୫ଶହ ଭକ୍ତ ଠାକୁରଙ୍କ ପାଖରେ ଲାଗି ହେଉଥିବା ଅବଢ଼ା ସେବନ କରୁଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାର ସହ ପ୍ରସାଦସେବନ ପାଇଁ ପ୍ରଶସ୍ତ ପିଣ୍ଡି ଅଛି। ଦୁଃଖର ବିଷୟ ଏହି ବଜାର ଓ ପିଣ୍ଡି ବର୍ଷ ବର୍ଷ ଧରି ଅବ୍ୟବସ୍ଥା ଘେରରେ ରହିଛି। ଫଳରେ ବେଢ଼ା ପରିସରରେ ସୁଆର ସେବାୟତମାନେ ପାଲ ଟାଣି ଅବଢ଼ା ବିକ୍ରି କରୁଛନ୍ତି। ଶ୍ରଦ୍ଧାଳୁ ମଧ୍ୟ ଖୋଲା ଆକାଶ ତଳେ ବସି ପ୍ରସାଦସେବନ କରୁଛନ୍ତି। ଖୋଦ୍ ଲିଙ୍ଗରାଜ ମନ୍ଦିରରେ ଏଭଳି ଅବ୍ୟବସ୍ଥା ଦୀର୍ଘ ଦିନ ଧରି ଲାଗି ରହିଥିଲେ ହେଁ ଏହାର ସମାଧାନ ଦିଗରେ ଏଏସ୍ଆଇ ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଫଳସ୍ୱରୂପ ରାଜ୍ୟ ଭିତରୁ ଓ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

**ଜରିପାଲ ତଳେ ଅବଢ଼ା ବିକ୍ରି**

**ଖୋଲା ଆକାଶ ତଳେ ପ୍ରସାଦସେବନ**

**୬୦ ଲକ୍ଷ ଖର୍ଚ୍ଚ କୋଉ କାମକୁ**

ସୂଚନାନୁସାରେ, ୧୯୮୭ରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଏହି ଆନନ୍ଦ ବଜାର ନିର୍ମାଣ କରାଯାଇଥିଲା। ଭୁବନେଶ୍ୱର ନଗରପାଳିକା ପକ୍ଷରୁ ଏଠାରେ ୧୦ଟି ଦୋକାନ ଘର ଓ ଏକ ବଡ଼ ପିଣ୍ଡି ତିଆରି ହୋଇଥିଲା। ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଅବଢ଼ା ଦୋକାନ ଓ ଷ୍ଟୋର୍ ରୁମ୍‌ଗୁଡ଼ିକ ଜରାଜୀର୍ଣ୍ଣ ହୋଇପଡ଼ିଲା। ଛାତରୁ ଛେଲା ଛାଡ଼ିଲା, ସାମାନ୍ୟ ବର୍ଷା ହେଲେ ପାଣି ଗଳିଲା। ଆନନ୍ଦ ବଜାର ଭୁଶୁଡ଼ିବା ଆଶଙ୍କା ଦେଖାଦେବାରୁ କିଛି ବର୍ଷ ତଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହାର ପୁନରୁଦ୍ଧାର କରିଥିଲା। ୯ଟି ଦୋକାନ ଓ ଷ୍ଟୋର୍ ରୁମ୍ ମରାମତିରେ ପାଖାପାଖି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାର ପୁନରୁଦ୍ଧାର କାର୍ଯ୍ୟ ଇନ୍‌ଟାକ୍ ତତ୍ତ୍ୱାବଧାନରେ ହୋଇଥିଲା। ହେଲେ ସମସ୍ୟାରେ କୌଣସି ସୁଧାର ଆସିନଥିବା ଅଭିଯୋଗ ହେଉଛି। ପୂର୍ବଭଳି ଏବେ ବି ଛାତ ଉପରେ ବର୍ଷା ପାଣି ଜମା ହୋଇରହୁଛି। ଛାତରୁ ଛେଲା ଛାଡୁଛି ଓ ଦୋକାନର ସଟର୍‌ଗୁଡ଼ିକ ଖୋଲିବାରେ ସମସ୍ୟା ହେଉଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। ଏନେଇ ଅବଢ଼ା ବିକ୍ରି କରୁଥିବା ବ୍ୟବସାୟୀ କହିଛନ୍ତି, ୩ ବର୍ଷ ହେଲା ଆମେ ଏଭଳି ପାଲ ଟାଣି ଅସ୍ଥାୟୀ ଭାବେ ଅବଢ଼ା ବିକ୍ରି କରୁଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଶ୍ରଦ୍ଧାଳୁମାନେ ବେଶ୍ ଅସନ୍ତୋଷବ୍ୟକ୍ତ କରିଛନ୍ତି। ବିଶେଷକରି ବର୍ଷା ଦିନେ ପ୍ରସାଦସେବନରେ ବହୁ ସମସ୍ୟା ଉପୁଜୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଆନନ୍ଦ ବଜାରକୁ ଯିବା ପାଇଁ ଛୋଟ ଛୋଟ ପାହାଚ ବଡ଼ ସମସ୍ୟା ସୃଷ୍ଟି କରୁଛି। ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଆନନ୍ଦ ବଜାରର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଏଏସ୍ଆଇ କିଛି ପଦକ୍ଷେପ ନେଉନି। ସେବାୟତ ଓ ଶ୍ରଦ୍ଧାଳୁ ଦୀର୍ଘ ଦିନ ଧରି ଏଭଳି ଅବ୍ୟବସ୍ଥା ଭିତରେ ଯୁଝି ହେଉଛନ୍ତି। ତେଣୁ ଆନନ୍ଦ ବଜାରର ପୁନରୁଦ୍ଧାର କରିବା ସହ ପ୍ରବେଶ ପାହାଚକୁ ପ୍ରଶସ୍ତ କରାଯାଉ। ଏଥିସହ ଏହି ସ୍ଥାନରେ ଆନନ୍ଦ ବଜାର ଥିବା ନେଇ ଏଏସ୍ଆଇ ଏକ ବଡ଼ ସାଇନ୍ ବୋର୍ଡ ଲଗାଉ। ଏଠାରେ ଆନନ୍ଦ ବଜାର ଥିବା ନେଇ ଅଧିକାଂଶ ଶ୍ରଦ୍ଧାଳୁ ଜାଣିପାରୁନାହାନ୍ତି ବୋଲି ସେ କହିଛନ୍ତି।

**ଉଠାଦୋକାନ ଉଚ୍ଛେଦକୁ ବିରୋଧ**

## ବିଏମ୍‌ସି କମିସନରଙ୍କୁ ଭେଟିଲେ ୨ ବିଧାୟକ

ଭୁବନେଶ୍ୱର, ୧୭।୧୨(ସମିସ): ଗତ କିଛିଦିନ ହେଲା ଭୁବନେଶ୍ୱର ମହାନଗର ନିଗମ ଓ ବିଡିଏର ମିଳିତ ଉଚ୍ଛେଦକାରୀ ଦଳ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ, ଏକାମ୍ର ନିର୍ବାଚନମଣ୍ଡଳୀ ଓ ଉତ୍ତର ନିର୍ବାଚନମଣ୍ଡଳୀରୁ ପାଖାପାଖି ୮ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରିଥିଲେ। ଫଳରେ ଦୋକାନୀମାନେ ଏକପ୍ରକାର ଭୟ ଓ ଆତଙ୍କରେ ରହିଥିଲେ। ମଧ୍ୟମର ଶହ ଶହ ଦୋକାନୀ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତରର ଦୋକାନୀ ବିଧାୟକ ସୁଶାନ୍ତ ରାଉତଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ। ଦୁଇ ବିଧାୟକ ଦୋକାନୀମାନଙ୍କ ଦୁଃଖ ବୁଝିବା ସହ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହିତ ଆଲୋଚନା କରିଥିଲେ। ଏହାସହ ମଙ୍ଗଳବାର ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲଙ୍କୁ ଭେଟି ଉଠାଦୋକାନୀମାନଙ୍କୁ ଉଚ୍ଛେଦ ପରିବର୍ତ୍ତେ ସେହି ଜାଗାରେ ଥଇଥାନ କରିବା ଓ ଉଚ୍ଛେଦ ପୂର୍ବରୁ ମହାସଂଘ ସହ ଆଲୋଚନା କରିବା, ନୂତନ ଟାଉନ୍ ଭେଣ୍ଡିଂ କମିଟି ଗଠନ କରିବା, ପରିଚୟପତ୍ର ପାଇ ନ ଥିବା ଉଠାଦୋକାନୀମାନଙ୍କୁ ପରିଚୟପତ୍ର ଓ ସାର୍ଟିଫିକେଟ୍ ପ୍ରଦାନ କରିବା ଆଦି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ଉଚ୍ଛେଦ ବନ୍ଦ କରି ସେମାନଙ୍କୁ ସେହି ଜାଗାରେ ଭେଣ୍ଡିଂଜୋନ୍ ପ୍ରଦାନ କରିବାକୁ ଦୁଇ ବିଧାୟକ କମିସନରଙ୍କ ସହିତ ଆଲୋଚନା କରିଥିଲେ। କମିଶନର ଶ୍ରୀ ପାଟିଲ କହିଲେ ଯେ ଜୀବନ ଜୀବିକା ହେଉଛି ଉଠାଦୋକାନୀମାନଙ୍କର ଅଧିକାର। ସେମାନଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ବିଏମ୍‌ସି ସବୁବେଳେ ଉଠାଦୋକାନୀମାନଙ୍କ ସହିତ ଅଛି ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହିତ ହାତ ମିଳାଇ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ। ଏହି ଆଲୋଚନାରେ ବିଏମ୍‌ସିର ଡେପୁଟି କମିସନର ଅଜୟ ମହାନ୍ତି, ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ମହାସଂଘର ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ସୂର୍ଯ୍ୟମଣି ସାହୁ, ବିପିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



**ଓୟୁଏଟିରେ 'ବର୍ଜ୍ୟବସ୍ତୁରୁ ଅମୂଲ୍ୟ ସମ୍ପଦ' ଶୀର୍ଷକ କର୍ମଶାଳା**

## ସୌନ୍ଦର୍ଯ୍ୟକରଣରେ ବର୍ଜ୍ୟବସ୍ତୁ ପରିଚାଳନା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର, ୧୭।୧୨(ସମିସ): ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାକୁ ହେଲେ ବର୍ଜ୍ୟବସ୍ତୁ ପରିଚାଳନା ଅପରିହାର୍ଯ୍ୟ। ସହରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଗୁରୁତ୍ୱପୂର୍ଣ୍ଣ। ଏଣୁ ବର୍ଜ୍ୟ ପରିଚାଳନା କରି ଗ୍ୟାସ୍ ଓ ଶକ୍ତି ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ 'ବର୍ଜ୍ୟବସ୍ତୁରୁ ଅମୂଲ୍ୟ ସମ୍ପଦ' ଶୀର୍ଷକ ଦୁଇଦିନିଆ ବୈଷୟିକ ପରାମର୍ଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମହାପାତ୍ର ବୈଜ୍ଞାନିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେଇ ଗବେଷଣା କରିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଜୈବ କୃଷି ଓ ପ୍ରାକୃତିକ କୃଷି ହିଁ ପରିବେଶ ସୁରକ୍ଷାରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ସେହିପରି ଦୀର୍ଘସ୍ଥାୟୀ କୃଷି ଏବଂ ଆଧୁନିକ ପ୍ରଣାଳୀରେ କୃଷିର ପରିଚାଳନା ଚାଷୀଙ୍କ ପାଇଁ ସହାୟକ ଓ ଲାଭପ୍ରଦ ହୋଇପାରିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ନେଦରଲ୍ୟାଣ୍ଡ 'ୱେଷ୍ଟ' ଅନୁଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ଭାଲେଣ୍ଟିନ୍ ପୋଷ୍ଟ ବର୍ଜ୍ୟବସ୍ତୁର ସଦୁପଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମକୁ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ପ୍ରାଧ୍ୟାପକ ଡ. ଚକ୍ରଧର ପାତ୍ର ପରିଚାଳନା ଓ କ୍ଷେତ୍ର ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବିଜୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ମୃତ୍ତିକା ବିଜ୍ଞାନର ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ଧଉଳି, ୧୭।୧୨(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଧଉଳି ଓ ଲିଙ୍ଗିପୁର ଟ୍ରାଫିକ୍ ଛକରେ ରାସ୍ତା ପାର୍ ହେଉଥିବାବେଳେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ପରାହାଟ ନିମସାହି ଗ୍ରାମର ଧନେଶ୍ୱର ପ୍ରଧାନଙ୍କ ପତ୍ନୀ କୁମୁଦିନୀ। ଖବରନେବାରେ ଜଣାପଡ଼ିଛି, ଧନେଶ୍ୱର ଓ ପତ୍ନୀ କୁମୁଦିନୀ କୌଣସି କାମରେ ଭୁବନେଶ୍ୱର ଯାଉଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଧଉଳି ଟ୍ରାଫିକ୍ ନିକଟରେ ଠିଆ ହୋଇଥିବାବେଳେ ଏକ ଅଜଣା ଗାଡ଼ି କୁମୁଦିନୀଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଆହତ କୁମୁଦିନୀଙ୍କୁ ଧନେଶ୍ୱର ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧଉଳି ଥାନା ପୁଲିସ ଚିକିତ୍ସାଳୟକୁ ଯାଇ ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହରେ ରଖିଛନ୍ତି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ବାଲିଅନ୍ତା, ୧୭।୧୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣ ଜ୍ଞାନ, କବିତା ରଚନା, ବୁଦ୍ଧି ପରୀକ୍ଷା, ନୃତ୍ୟ, ସଙ୍ଗୀତ, ତର୍କ, ଗଳ୍ପ ଲିଖନ, ଏକକ ଅଭିନୟ, ଚିତ୍ରାଙ୍କନ ଆଦି ୧୦ଟି ପ୍ରତିଯୋଗିତାରେ ବାଲିଅନ୍ତା ବ୍ଲକର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ଣ ଓ ଅପରାହ୍ଣ ଅଧିବେଶନରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଡ. ରାଧାନାଥ ପ୍ରହରାଜ, ଜିଲ୍ଲା ଓଷ୍ଟାର ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ବାଲିପାଟଣା ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ପ୍ରଦୀପ ପ୍ରଧାନ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ମିଶ୍ର, ନାରାୟଣ ବେହେରା, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଦେଇଥିଲେ। ବାଲିଅନ୍ତା ଓଷ୍ଟାର ସମ୍ପାଦକ ସର୍ବେଶ୍ୱର ସାହୁ ଓ ସଭାପତି ବିନୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## 'ରମାଦେବୀ'ରେ ୧୦୮ ଫୁଟ୍ ଉଚ୍ଚରେ ଉଡ଼ିବ ଜାତୀୟ ପତାକା

ଭୁବନେଶ୍ୱର, ୧୭।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟ୍ ଉଚ୍ଚ ସ୍ତମ୍ଭରେ ଉଡ଼ିବ ଜାତୀୟ ପତାକା। ୨୭ ଫୁଟ୍ ଲମ୍ବ ଓ ୨୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ଉଡ଼ାଇବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଫ୍ଲାଗ୍ ଇଣ୍ଡିଆ ଫାଉଣ୍ଡେସନ କର୍ମକର୍ତ୍ତା ଉପସ୍ଥିତ ରହି ପରୀକ୍ଷାମୂଳକ ଭାବେ ଉଡ଼ାଇଛନ୍ତି। ବୁଧବାର ଆନୁଷ୍ଠାନିକ ଏହାକୁ ଉଦ୍‌ଘାଟନ କରାଯିବ। ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଉଥିବାବେଳେ ମୁଖ୍ୟ ଉଦ୍‌ଘାଟକ ଭାବେ ସାଂସଦ ତଥା ଫ୍ଲାଗ୍ ଇଣ୍ଡିଆ ଫାଉଣ୍ଡେସନ ସଭାପତି ନବୀନ ଜିନ୍ଦଲ, ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନର ଉପାଧ୍ୟକ୍ଷା ଶାଲ୍ଲୁ ଜିନ୍ଦଲ ଓ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀ ଉପସ୍ଥିତ ରହି ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବେ। ସୂଚନାଯୋଗ୍ୟ, ଏହି ସୁଉଚ୍ଚ ଜାତୀୟ ପତାକା ଫ୍ଲାଗ୍ ଇଣ୍ଡିଆ ଫାଉଣ୍ଡେସନ୍ ସହଯୋଗରେ ସ୍ଥାପନ କରାଯାଉଛି।

## ଜାଗୃତି କଲ୍‌ଚରାଲ ଏକାଡେମୀ ପକ୍ଷରୁ ପରମ୍ପରା ଉତ୍ସବ

ଭୁବନେଶ୍ୱର, ୧୭।୧୨(ସମିସ): ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ଏବଂ ଜାଗୃତି ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରରେ 'ପରମ୍ପରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରଫେସର ରଘୁନାଥ ପଣ୍ଡା ଏବଂ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତିରେ ଏକାଡେମୀ ପକ୍ଷରୁ ଦିବଂଗତ ଗୁରୁ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅର୍ପିତା ଜେନା, ଅନିନ୍ଦିତା ରାଓ ଏବଂ ନିହାରିକା ବଳିଆରସିଂହଙ୍କ ଦ୍ୱାରା ଓଡ଼ିଶୀ ଗାୟନ ପରିବେଷଣ କରାଯାଇଥିଲା। ପରେ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ତରଫରୁ ଶ୍ରଦ୍ଧାଞ୍ଜଳି ଏବଂ ଓମ୍ ପ୍ରକାଶ ଦୈତ୍ୟ ଓଡ଼ିଶୀ ଗାୟନ ପ୍ରସ୍ତୁତ କରିଥିଲେ। ଏଥିସହିତ ବଲାଙ୍ଗିରର ଗୁରୁ ନିରଞ୍ଜନ ତ୍ରିପାଠୀ, ଭୁବନେଶ୍ୱରର ଗୁରୁ ପ୍ରଦୀପ କୁମାର ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଗୁରୁ ପ୍ରଦୀପ କୁମାର ଦାସଙ୍କୁ ଗୁରୁ କ୍ଷୀରୋଦ ଚନ୍ଦ୍ର ପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ନିରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଯାପିତ**

# 'ପାଠକଙ୍କ ମନରେ ଶାନ୍ତି ଓ ପ୍ରଶାନ୍ତି ଆଣିଥାଏ ପୁସ୍ତକ'

ଭୁବନେଶ୍ୱର, ୧୭।୧୨(ସମିସ): ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ। ପାଠକଙ୍କ ମନରେ ଶାନ୍ତି ଓ ପ୍ରଶାନ୍ତିର ଭାବ ଆଣିଥାଏ ପୁସ୍ତକ। ଆଜିର ସୋସିଆଲ୍ ମିଡିଆ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ବଢ଼ିଛି ବୋଲି ମଙ୍ଗଳବାର ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଗତ ୬ ତାରିଖଠାରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଏହି ମେଳା ଆରମ୍ଭ ହୋଇଥିଲା। ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ଶ୍ରୀ ବିଶ୍ୱରଞ୍ଜନ ସାମ୍ପ୍ରତିକ ଯୁଗରେ ପୁସ୍ତକ ପଠନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ପୁସ୍ତକ ମେଳାରେ ୩ କୋଟିରୁ ଅଧିକ ବ୍ୟବସାୟ ହୋଇଛି। ପୁସ୍ତକ ମେଳାରେ ପ୍ରାୟ ୧୫୦ ପ୍ରକାଶକ ସଂସ୍ଥା ଓ ପୁସ୍ତକ ବିକ୍ରେତାମାନେ ଯୋଗଦେଇଥିବାବେଳେ ୪୦୦ରୁ ଅଧିକ ଷ୍ଟଲ୍ ନିର୍ମିତ ହୋଇଥିଲା। ଚଳିତ ବର୍ଷର ପୁସ୍ତକ ମେଳାର ମୁଖ୍ୟ ପ୍ରବେଶ ଦ୍ୱାରକୁ ଡ. ହରେକୃଷ୍ଣ ମହତାବ, ମୁଖ୍ୟମଞ୍ଚକୁ ସୁନାମଧନ୍ୟ ସାହିତ୍ୟିକ ସାତକଡ଼ି ହୋତା, ମେଳାର ଭିତର ପ୍ରବେଶ ଦ୍ୱାରକୁ କବି ହରିହର ମିଶ୍ର ଏବଂ ମେଳାର ଭିତର ମଞ୍ଚକୁ ସାହିତ୍ୟିକ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ କରାଯାଇଥିଲା। ଏଥିସହ ପୁସ୍ତକ ମେଳାର ବିଭିନ୍ନ ସ୍ଥାନରେ ବହୁ ଯୁଗସ୍ରଷ୍ଟା ସାହିତ୍ୟିକମାନଙ୍କ ଫଟୋଚିତ୍ର ମଧ୍ୟ ସ୍ଥାନିତ କରାଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଡ. ହରେକୃଷ୍ଣ ମହତାବ, ଓଡ଼ିଶାରେ ବୁଦ୍ଧ ସ୍ମାରକୀ ଏବଂ ବିର୍ସା ମୁଣ୍ଡା ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ଆଧାର କରାଯାଇ ନିର୍ମାଣ କରାଯାଇଥିବା ତିନିଟି ଥିମ୍ ପାଭିଲିୟନ୍ ଚଳିତ ବର୍ଷ ପୁସ୍ତକ ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ଲେଖକ ଓ ପାଠକମାନଙ୍କ ଭିତରେ ଭାବବିନିମୟ ନିମନ୍ତେ ଏକ କଫି କର୍ଣ୍ଣର, ପୁସ୍ତକ ଉନ୍ମୋଚନ ଏବଂ ସାହିତ୍ୟ ଆଲୋଚନାଚକ୍ର ନିମନ୍ତେ ଏକ କ୍ଷୁଦ୍ର ପ୍ରେକ୍ଷାଳୟ ସ୍ଥାପନ କରାଯାଇଥିବାବେଳେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ, ମିଲେଟ୍ ମିଶନ, କୋରାପୁଟ କଫି, ମିଶନ ଶକ୍ତି ଆଦି ତରଫରୁ ଖାଦ୍ୟ ଷ୍ଟଲ୍ ପ୍ରସ୍ତୁତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ 'ଫକୀରନାମା', 'ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ', 'ବହିକଥା', 'ପ୍ରଜ୍ଞାପୁରୁଷ ନାରାୟଣ ପୃଷ୍ଠେଠ' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ପୁସ୍ତକ ପ୍ରକାଶକ ସଂସ୍ଥାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ**






**ଅଧା ଦରରେ ବହି କିଣିନେଲେ ଗ୍ରାହକ**

## ଶେଷ ଦିନରେ ସ୍ୱତନ୍ତ୍ର ରିଆତି

ଭୁବନେଶ୍ୱର, ୧୭।୧୨(ସମିସ): କିଏ ପ୍ରତିଭା ରାୟଙ୍କ ବହି ଖୋଜୁଛି ତ ଆଉ କିଏ ଦେବଦାସ ଛୋଟରାୟଙ୍କ ବହି। ଏଥି ସହିତ ଆଉ କିଏ ନୂଆ ଲେଖକଙ୍କ କବିତା ବହି ହେଉ କିମ୍ବା ଗଳ୍ପକୁ ପଢୁଛନ୍ତି। ପୁସ୍ତକ ମେଳା ଶେଷ ହେଉଥିବାରୁ ଗ୍ରାହକମାନେ ନିଜ ମନ ପସନ୍ଦର ଲେଖକଙ୍କ ପୁସ୍ତକ ସହ ଆଧ୍ୟାତ୍ମିକ, ପ୍ରବନ୍ଧ, ଉପନ୍ୟାସ, ଲଳିତ ନିବନ୍ଧ ସହିତ ପ୍ରତିଯୋଗିତାମୂଳକ ବହି ସହ ନୂଆ ନୂଆ ଲେଖକଙ୍କ ବହିକୁ ଗ୍ରାହକମାନେ ସ୍ୱତନ୍ତ୍ର ରିଆତିରେ କିଣିଛନ୍ତି। ହେଲେ ଆଉ କିଛି କିଛି ଗ୍ରାହକ ସେମାନଙ୍କ ମନ ପସନ୍ଦର କୃଷିଭିତ୍ତିକ ବହି ନ ପାଇ ନିରାଶ ହୋଇଛନ୍ତି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ବୁଧବାର ଶେଷ ହୋଇଛି। ଶେଷ ଦିନରେ ପୁସ୍ତକ ମେଳା ଭିଡ଼ ଭିତରେ ଲୁଚିଗଲା ଭଳି ହୋଇଥିଲା। ଦ୍ୱିପହରରୁ ଭିଡ଼ ଟିକେ କମ୍ ହୋଇଥିଲା। ହେଲେ ସନ୍ଧ୍ୟା ସମୟରୁ ସବୁ ବହି ଷ୍ଟଲ୍‌ରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ଅନ୍ୟ ଦିନ ଅପେକ୍ଷା ପୁସ୍ତକ ବିକେତ୍ରାମାନେ ଆଉ ୧୦ରୁ ୧୨ ପ୍ରତିଶତ ରିଆତିରେ ପୁସ୍ତକ ବିକ୍ରି କରୁଥିଲେ। ଗୋଟେ ଗୋଟେ ଷ୍ଟଲ୍‌ରେ ୧ହଜାର ଟଙ୍କାର ବହି କିଣିଲେ ୫୦୦ ଟଙ୍କାର ବହି ଫ୍ରି ମଧ୍ୟ ଦେଇଛନ୍ତି। ଯାହା ଫଳରେ ଶେଷ ଦିନରେ ଗ୍ରାହକମାନେ ୫ହଜାରରୁ ଅଧିକ ଟଙ୍କାର ବହି କିଣି ନେଇଛନ୍ତି।

ଏନେଇ ଜୟଦୁର୍ଗା ନଗରର ରାଜଲକ୍ଷ୍ମୀ ସାମନ୍ତରାୟ କହିଛନ୍ତି, ୧୨ ଦିନ ହେଲା ଆସୁଛୁ। ପ୍ରତିଦିନ କିଛି ନା କିଛି ବହି ନେଇକି ଯାଉଛୁ। ତଥାପି ଶେଷ ଦିନରେ ଆସି କିଛି କିଛି ବହି କିଣିଛୁ ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ଆସନ୍ତା ବର୍ଷକୁ କୃଷି, ପରିବେଶ, ଜଳବାୟୁ ପରିବର୍ତ୍ତନ ଆଦି ଉପରେ ଅଧିକ ପୁସ୍ତକ ରଖିବାକୁ। ଯାହା ଫଳରେ ଏବେକା ପିଲାମାନେ ଏହି ସବୁ ବିଷୟ ଉପରେ ଅଧିକରୁ ଅଧିକ ମାତ୍ରାରେ ଜାଣିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଜଣେ ପୁସ୍ତକପ୍ରେମୀ ପ୍ରମିତ କୁମାର କୁହନ୍ତି, ବିଜ୍ଞାନ ସମ୍ବନ୍ଧୀୟ ଲେଖା ଉପରେ ଆଜିର ଯୁବପିଢ଼ିମାନେ ଟିକେ ଲେଖାଲେଖି କରିବା ଦରକାର। ସାହିତ୍ୟରେ ସମସ୍ତେ ଲେଖୁଛନ୍ତି, ତଥାପି ନୂଆ ଲେଖକମାନେ ସାହିତ୍ୟ ସହିତ ବିଜ୍ଞାନ ଲେଖା ଉପରେ ଟିକେ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଛନ୍ତି।

## ପକ୍ଷୀଘର ପକ୍ଷରୁ ୩ ପୁସ୍ତକ ଉନ୍ମୋଚିତ



ଷଷ୍ଠ ରାଜ୍ୟ ପୁସ୍ତକମେଳାର ଏକାଦଶ ଦିନରେ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ୩ଟି ବହି ଉନ୍ମୋଚିତ ହୋଇଯାଇଛି। ଦୁର୍ଗା ଚରଣ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ 'ଛଳ', ଡ. ବିଶ୍ୱମ୍ବର ଦାସଙ୍କ ଗଳ୍ପ ପୁସ୍ତକ ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ, ଡ. କିଶୋର ଚନ୍ଦ୍ର ଦାଶଙ୍କ ଗଳ୍ପ ପୁସ୍ତକ 'କିଛି ଗପ କିଛି କଥା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ କବି ରଞ୍ଜନ କୁମାର ଦାସ, ବିଶିଷ୍ଟ କଥାଶିଳ୍ପୀ ଅଜୟ ସ୍ୱାଇଁ, ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ସାମ୍ବାଦିକ ଶ୍ରୀରାମ ଦଶ ଅତିଥି ଭାବେ ଯୋଗଦେଇ ଲେଖକଙ୍କ ପୁସ୍ତକ ବିଷୟରେ ବକ୍ତବ୍ୟ ରଖିଥିଲେ। କବି ଦୁର୍ଗା ଷଡ଼ଙ୍ଗୀ, କିଶୋର ଚନ୍ଦ୍ର ଦାଶ ଓ ଲେଖକ ବିଶ୍ୱମ୍ବର ଦାସ ଲେଖକୀୟ ବକ୍ତବ୍ୟ ରଖିଥିଲେ। ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଧଉଳିରେ ବଢ଼ୁଛି ପର୍ଯ୍ୟଟକଙ୍କ କୋଳାହଳ

# ଜମୁଛି ବଣଭୋଜି ଆସର; ଆଗୁଆ ପିଣ୍ଡି ବୁକିଂ



ଭୁବନେଶ୍ୱର, ୧୭।୧୨(ସମିସ): ଶୀତ ଦିନ। ପର୍ଯ୍ୟଟନ ଋତୁ। ଦୂରଦୂରାନ୍ତରୁ ଧାଇଁ ଆସୁଛନ୍ତି ପର୍ଯ୍ୟଟକ। ଅବସର ସମୟ ବିତାଇବାକୁ, ନିଜେ କିଛି ସମୟ ପ୍ରିୟ ପରିଜନଙ୍କ ସହ ନିତିଦିନିଆ ଜୀବନରୁ ଫୁରସତ୍ କାଢ଼ି କଟେଇବାକୁ। ଏହି କ୍ରମରେ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀର ସବୁ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟ କେନ୍ଦ୍ର। ବୁଲାବୁଲି ସହ ବଣଭୋଜି କରିବାକୁ ଜମୁଛି ଭିଡ଼। ସେହିପରି ଧଉଳି ଶାନ୍ତିସ୍ତୂପରେ ମଧ୍ୟ ଭିଡ଼ ପରିଲକ୍ଷିତ ହେଲାଣି। କେବଳ ରାଜ୍ୟର ବିଭିନ୍ନ ସ୍ଥାନ ନୁହଁ ବରଂ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ମଧ୍ୟ ଭିଡ଼ ଏଠାରେ ପରିଲକ୍ଷିତ ହେଉଛି। ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢ଼ିବାରେ ଲାଗିଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏଠାରେ ନିଜର ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ଶୀତ ଆରମ୍ଭ ହେବା ସହ ସହରବାସୀମାନେ କିଏ ପରିବାର ସହ ତ ଆଉ କେହି ସାଙ୍ଗସାଥୀଙ୍କ ସହ ଏହି ସ୍ଥାନରେ ସେଲ୍ଫିର ମଜା ନେଉଛନ୍ତି। ଏହା ସାଙ୍ଗକୁ ପ୍ରେମୀଯୁଗଳ, ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମଧ୍ୟ ବଣଭୋଜି କରିବାକୁ ଆସୁଛନ୍ତି। ଗତ କିଛିଦିନ ତଥା ଡିସେମ୍ବର ଆରମ୍ଭରୁ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି। ବିଶେଷକରି କୋଲକାତା, ବିହାର, ଛତିଶଗଡ଼ ଓ ରାଜସ୍ଥାନର ପର୍ଯ୍ୟଟକଙ୍କ ସମାଗମ ଅଧିକ ରହୁଛି। ଏହାସହିତ ନିକଟରେ ଥିବା ଗ୍ରାମ ପଞ୍ଚାୟତ ପରିସର ଓ ଶାନ୍ତି ପାର୍କ ଅଞ୍ଚଳରେ ଥିବା ପିଣ୍ଡିଗୁଡ଼ିକରେ ମଧ୍ୟ ବଣଭୋଜି ପାଇଁ ପ୍ରତିଦିନ ଆସର ଜମୁଛି। ଏଥିପାଇଁ ଆଗୁଆ ପିଣ୍ଡି ବୁକିଂ ମଧ୍ୟ ହେଉଛି। ପ୍ରତି ପିଣ୍ଡି ପିଛା ୫୦୦ରୁ ୧୦୦୦ ଟଙ୍କା ରହିଥିବା ଜଣାପଡ଼ିଛି।



### ଫଟୋଗ୍ରାଫରଙ୍କୁ ସୁହାଉଛି ପର୍ଯ୍ୟଟନ ଋତୁ

ଅନ୍ୟ ଦିନଗୁଡ଼ିକରେ ନିରାଶ ହେଉଥିବା ଫଟୋଗ୍ରାଫରଙ୍କୁ ପର୍ଯ୍ୟଟନ ଋତୁ ରୋଜଗାରର ଭଲ ମାଧ୍ୟମ ସାଜିଛି। ଏହି ନଭେମ୍ବରରୁ ଫେବୃଆରୀ ମାସ ଯାଏଁ ଧଉଳିକୁ ଅଧିକ ପର୍ଯ୍ୟଟକ ଆସୁଥିବାରୁ ଫଟୋଗ୍ରାଫରଙ୍କ ଚାହିଦା ବଢ଼ିଥିବା ଦେଖିବାକୁ ମିଳୁଛି। ସକାଳ ୧୦ରୁ ସନ୍ଧ୍ୟା ୫ ଯାଏଁ ସେମାନେ ଧଉଳିଠାରେ ବସି ରହୁଛନ୍ତି। ବର୍ତ୍ତମାନ ସମୟରେ ଫୋନ୍‌ର ବ୍ୟବହାର ବଢ଼ିଥିବାରୁ ଫଟୋଗ୍ରାଫରଙ୍କ ଚାହିଦା ସ୍ୱଳ୍ପ କମିଥିବାବେଳେ କେବଳ ପର୍ଯ୍ୟଟନ ଋତୁରେ ହିଁ ତାଙ୍କ ଚାହିଦା ଅଧିକ ପରିଲକ୍ଷିତ ହେଉଛି। ପାଖାପାଖି ୧୫ରୁ ୨୦ ଜଣ ଫଟୋଗ୍ରାଫର ଧଉଳିରେ ରହୁଛନ୍ତି। ଫଟୋ ପ୍ରିଣ୍ଟ କରିବାକୁ ସାଇଜ୍ ଅନୁଯାୟୀ ଫଟୋ ପିଛା ୨୦ରୁ ୪୦ ଟଙ୍କା ଲୋକଙ୍କୁ ସୁହାଇଲା ଭଳି ରହିଛି। ଏନେଇ ଫଟୋଗ୍ରାଫର ସୁରଜ କୁହନ୍ତି, ଅନ୍ୟ ଦିନ ଅପେକ୍ଷା ଏହି ଋତୁରେ ଭଲ ଦୁଇପଇସା ମିଳେ।

### ନିରାଶ କରୁଛି ପାର୍କିଂ ସମସ୍ୟା

ଡିସେମ୍ବର ଆରମ୍ଭରୁ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବା ସହ ପାର୍କିଂ ସମସ୍ୟା ମଧ୍ୟ ବଢ଼ୁଛି। ଏନେଇ ପର୍ଯ୍ୟଟକଙ୍କ ସମେତ ଆଖପାଖ ସ୍ଥାନରୁ ବଣଭୋଜି କରିବା ପାଇଁ ଆସିଥିବା ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ବ୍ୟବସ୍ଥା କରାଯାଇ ନ ଥିବାବେଳେ ଲୋକ ମନଇଚ୍ଛା ଗାଡ଼ି ରଖିଦେଇ ଚାଲି ଯାଉଛନ୍ତି। ଫଳରେ ଗାଡ଼ି କାଢ଼ିବା ଓ ଆଣିବାରେ ସମସ୍ୟା ଭୋଗୁଛନ୍ତି ଲୋକ। ଏହା ସହ କୌଣସି ବ୍ୟକ୍ତି ପରିଚାଳନା କରିବାକୁ ମଧ୍ୟ କେହି ଦେଖିବାକୁ ମିଳି ନ ଥିଲା।

## ଦିବ୍ୟାଙ୍ଗ ଶିଶୁଙ୍କୁ ପାଠ୍ୟପୁସ୍ତକ ବଣ୍ଟନ



ଭୁବନେଶ୍ୱର, ୧୭।୧୨(ସମିସ): ସମାଜରେ ବିଦ୍ୟାଙ୍ଗମାନଙ୍କ ବିକାଶ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ହେଲ୍ପମେଟ୍ ଅନୁଷ୍ଠାନ ଉତ୍କଳ ଦୃଷ୍ଟିବାଧିତ ସଂଘ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ଶିଶୁ ମହୋତ୍ସବ ଶନିବାର ଉତ୍କଳ ଦୃଷ୍ଟିବାଧିତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଲେଖା ମିଶ୍ର ଓ ଭିନ୍ନକ୍ଷମ ବିଭାଗର ସନ୍ୟାସୀ ବେହେରା ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କର ଶିକ୍ଷା ଓ ଉନ୍ନତିକରଣକୁ ଆଧାର କରି ସାଧନା ଏବଂ ସଫଳତାକୁ ଲକ୍ଷ୍ୟ ରଖି ଚାଲିଲେ ନିଜ ଭିତରେ ପୂର୍ଣ୍ଣତା ଆସିବ। ଯେଉଁଠିକି ଦିବ୍ୟାଙ୍ଗଙ୍କର ମହତ୍ତ୍ୱ ବଢ଼ିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଏକକ ଅଭିନୟ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଓଡ଼ିଶାର ବିଭିନ୍ନ ରାଜ୍ୟର ଦୃଷ୍ଟିହୀନ ବିଦ୍ୟାଳୟର ନବମ ଶ୍ରେଣୀର ଉତ୍ତମ ଛାତ୍ରଛାତ୍ରୀଙ୍କୁ ଆଇପଡ୍‌ରେ ପେନ୍‌ଡ୍ରାଇଭ୍ ମାଧ୍ୟମରେ ସେମାନଙ୍କ ପାଠ୍ୟପୃଷ୍ଠାର ରେକର୍ଡିଂ କରାଯାଇ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ଅଞ୍ଜନୀ ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ହେମସାଗର ପାଣିଗ୍ରାହୀ, କୃଷ୍ଣପ୍ରିୟା ଦାସ ଦିବ୍ୟାଙ୍ଗଙ୍କ ଭିନ୍ନକ୍ଷମତାକୁ ବୁଝି ଆତ୍ମବିଶ୍ୱାସ ବୃଦ୍ଧି କରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ଲିନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜଳବାୟୁ ଓ ପରିବେଶ ନ୍ୟାୟ କନ୍‌ଭେନ୍‌ସନ୍**

## ‘ବିଗିଡ଼ି ଗଲାଣି ପୃଥିବୀର ଜଳଚକ୍ର’



ଭୁବନେଶ୍ୱର, ୧୭।୧୨(ସମିସ): ଏନ୍‌ଏପିଏମ୍‌ର ଇକୋଲୋଜିକାଲ ଫୋରମ୍, ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ଓ ଲୋହିଆ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜଳବାୟୁ ଓ ପରିବେଶ ନ୍ୟାୟ କନ୍‌ଭେନ୍‌ସନ୍ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗ୍ରୀନ୍‌ପିସ୍ ଏନ୍‌ଭିରନ୍‌ମେଣ୍ଟ ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଶିଷ୍ଟ ପରିବେଶବିତ୍ ସୌମ୍ୟ ଦତ୍ତ ଦୁନିଆର ଜଳଚକ୍ର କିପରି ବିଗିଡ଼ି ଗଲାଣି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ, ବ୍ରହ୍ମପୁରର ପ୍ରଫେସର ସୁଧୀର ରାଉତ, ପ୍ରଫେସର ସୁନ୍ଦର ନାରାୟଣ ପାତ୍ର, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଦେଶରେ ଚାଲିଥିବା ଅବାରିତ ଖଣି ଖନନ ଓ ପରିବେଶ ପ୍ରଦୂଷଣ ବାବଦରେ ଦର୍ଶାଇ ଏହାକୁ ନ ରୋକିଲେ ସଭ୍ୟତା ରହିବ ନାହିଁ ବୋଲି ଦର୍ଶାଇଥିଲେ। ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲେ ଓ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ମାନସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶାର ପ୍ରାକୃତିକ ସଂଶାଧନର ସଂରକ୍ଷଣ ଓ ସମ୍ବର୍ଦ୍ଧନ ଶୀର୍ଷକ ଆଲୋଚନା ହୋଇଥିବାବେଳେ ଶେଷ ଅଧିବେଶନରେ ଜଳ ପରିବେଶ ଓ ସଂରକ୍ଷଣ ଉପରେ ଚର୍ଚ୍ଚା ହୋଇଥିଲା। ଶେଷରେ ଅନୁଭବ ବଳିୟାରସିଂ ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ଫାଇନାଲରେ ଫ୍ରେଣ୍ଡ୍‌ସ ପାରାଡାଇଜ୍

ଯାଁଳା, ୧୭।୧୨(ସମିସ): ରାଧାଚରଣପୁର ଖେଳ ପଡ଼ିଆରେ ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଶବର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ, ଉତ୍କଳ ସ୍ପୋର୍ଟିଂକୁ ହରାଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଟାଇବ୍ରେକର ସାହାଯ୍ୟରେ ୭-୬ ଗୋଲ୍‌ରେ ଜଟଣୀ ଉତ୍କଳ ସ୍ପୋର୍ଟିଂକୁ ପରାସ୍ତ କରିଛି। ଖେଳର ପ୍ରଥମାର୍ଦ୍ଧର ୨୦ ମିନିଟ୍ ସମୟରେ ଉତ୍କଳ ସ୍ପୋର୍ଟିଂ ଦଳର ସୁଧାଂଶୁ ଶେଖର ରାୟ ଗୋଟିଏ ଗୋଲ୍ ଦେଇ ଦଳକୁ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୫୧ ମିନିଟ୍ ସମୟରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଦଳର ସୁନିଲ ମୁର୍ମୁ ପେନାଲ୍ଟି ସଟ୍ ମାରି ଦଳକୁ ସମାନ ସ୍ଥିତିକୁ ଆଣିଥିଲେ। ଖେଳର ଶେଷ ପର୍ଯ୍ୟନ୍ତ ଆଉ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ରାଜୁ ମହାନ୍ତି, ବିଦେଶୀ ନାଏକ, ଗିରିଶ ଜାନି ଓ ଆନନ୍ଦ ନାଏକ। ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡ଼ା ସଂଘ ଓ ପପୁଲାର କ୍ଲବ୍ ଢେଙ୍କାନାଳ ପରସ୍ପରକୁ ଭେଟିବେ।

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

## ‘ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ ଶ୍ରୀରାମଚନ୍ଦ୍ର’

ଭୁବନେଶ୍ୱର, ୧୭।୧୨ (ସମିସ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟନ୍ତରାୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ମହାରାଜା ଶ୍ରୀ ଭଞ୍ଜଦେଓ ଓଡ଼ିଶା ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ। ଆଜି ଯେଉଁ ବିକଶିତ ଓଡ଼ିଶାର କଥା କହୁଛୁ ତାହାର ମୂଳଦୁଆ ମାହାରାଜାଙ୍କ ରାଜତ୍ୱ କାଳରେ ପଡ଼ିଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ ଭାଗବତ ଶୁକ୍ଳ ଯୋଗଦେଇ ଇତିହାସକୁ ପୁନର୍ଜୀବିତ କରିବା ସହିତ ଓଡ଼ିଶାର ବିକାଶ ପାଇଁ ତାଙ୍କର ବହୁବିଧ ଉଦ୍ୟମର ତୁଳନା ନାହିଁ ବୋଲି ପ୍ରକାଶ କରିଥିଲେ। ଆରମ୍ଭରେ ଅତିଥିମାନେ ଓଡ଼ିଶାର ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।



### ଉତ୍କଳ ସମ୍ମିଳନୀ

ଉତ୍କଳ ସମ୍ମିଳନୀ ପକ୍ଷରୁ ପାୱାର ହାଉସ୍ ଛକଠାରେ ଅବସ୍ଥାପିତ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ଶାଖା ଉପସଭାପତି ନିରଞ୍ଜନ ପାଣ୍ଡା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଦେବରାଜ ନାୟକ ପ୍ରମୁଖ ଯୋଗଦେଇ ରେଭେନ୍ସା କଲେଜ ଓ କଟକ ମେଡିକାଲ କଲେଜ ସ୍ଥାପନା ଦିଗରେ ତାଙ୍କର ବହୁତ ଅବଦାନ ରହିଛି ବୋଲି ସଦସ୍ୟମାନେ ମତ ଦେଇଥିଲେ। ମହାରାଜାଙ୍କ ଦ୍ୱାରା ବାଣୀବିହାରରେ ଥିବା ପୁରୁଣା ଭଗ୍ନପ୍ରାୟ ପ୍ରେସ୍‌କୁ ମ୍ୟୁଜିୟମ୍ ସଂରକ୍ଷିତ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦ ବାହକ ଓ ସୁତଳଦେବଙ୍କ ସମ୍ବଲପୁର ହିତୈଷିଣୀ ପତ୍ରିକା ଛପା ଯାଉଥିବା ପ୍ରେସ୍‌ଗୁଡ଼ିକ ମଧ୍ୟ ମ୍ୟୁଜିୟମ୍‌ରେ ସଂରକ୍ଷିତ ରଖିବା ପାଇଁ ଦାବି କରାଯାଇଛି।

**‘ସକାଳ’ର ଚତୁର୍ଥ ସ୍ୱନକ୍ଷତ୍ର**

# ମାରାଥନର ପୃଷ୍ଠପୋଷକମାନଙ୍କୁ ଶ୍ରଦ୍ଧାସମ୍ମାନ

ଭୁବନେଶ୍ୱର, ୧୭।୧୨(ସମିସ): ଦୈନିକ ‘ସକାଳ’ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ଗଣଦୌଡ଼ରେ କିଶୋର କିଶୋରୀଙ୍କ ସହ ପରିଣତ ବୟସ୍କ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରି ନିଜକୁ ଫିଟ୍ ରଖିବାର ବାର୍ତ୍ତା ବାଣ୍ଟିଛନ୍ତି। ମାରାଥନ୍ ସମୟରେ ସମସ୍ତଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ଶୀତୁଆ ସକାଳରେ ମଞ୍ଜରୀ ଦେବୀ କ୍ୟାପିଟାଲ ଏକାଡେମୀ ଆଣ୍ଡ ନର୍ସିଂ କଲେଜ, ନବଜ୍ୟୋତି କଲେଜ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ଆଇଡିପି ଇନ୍‌ଷ୍ଟିଚ୍ୟୁଟ୍, ଶ୍ରୀ ବିନାୟକ କ୍ଲାସେସ୍ ଆଣ୍ଡ କନ୍‌ସେପ୍ଟ ସ୍କୁଲ୍, କମଳା ନେହରୁ ମହିଳା ମହାବିଦ୍ୟାଳୟ, ଜୁପିଟର ସ୍ନାତକ ମହାବିଦ୍ୟାଳୟ, ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଓମ୍‌ଫେଡ୍‌ର କର୍ମକର୍ତ୍ତା, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ (ଗିତମ୍)ର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପାଦରେ ପାଦ ମିଶାଇ ଦୌଡ଼ିଛନ୍ତି। ଡିଓସି ଭୁବନେଶ୍ୱର ବାଇକର୍ସ କ୍ଲବ୍ ସେମାନଙ୍କୁ ବାଟ କଢ଼ାଇ ଉତ୍ସାହ ବଢ଼ାଇଛି। ଶିଶୁ ଭବନ ଛକରୁ ଏକାମ୍ର ହାଟରେ ପହଞ୍ଚିବା ପରେ ଅନୁଷ୍ଠିତ ମନୋରଞ୍ଜନ କାର୍ଯ୍ୟକ୍ରମ ସମସ୍ତଙ୍କୁ ହସାଇଛି ଓ ନଚାଇଛି। ଓଲିଉଡ୍ କୁଇନ୍ ବର୍ଷା ପ୍ରିୟଦର୍ଶିନୀ ତାଙ୍କ ଗ୍ରୁପ୍ ସହ ଆଗାମୀ ସିନେମା ୱାଇଫ୍ ସମ୍ପର୍କରେ ବହୁ ରୋଚକ କଥା କହି ଉତ୍କଣ୍ଠା ବଢ଼ାଇଛନ୍ତି। ସେହିପରି ଆଗକୁ ଆସୁଥିବା ରେବତୀ ଚଳଚ୍ଚିତ୍ର ସମ୍ପର୍କରେ ଶୀତଲ ପାତ୍ର ଓ ଗ୍ରୁପ୍, ମିଶିରି ଚଳଚ୍ଚିତ୍ରର ବିଭାଷ ଓ ରୂପଶ୍ରୀ ଏବଂ ଦ ହିରୋର ରାକେଶ ପାଢ଼ୀ ଓ ଶୁସ୍ମିତା ପଣ୍ଡା ନିଜର ଆଗାମୀ ଚଳଚ୍ଚିତ୍ର ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଛନ୍ତି।



ମଞ୍ଜରୀ ଦେବୀ କଲେଜ କ୍ୟାପିଟାଲ ଏକାଡେମୀ ଆଣ୍ଡ ନର୍ସିଂର ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ



ଜୁପିଟର ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଅଭିଶେକ ସିଂ



ଶ୍ରୀ ବିନାୟକ କ୍ଲାସେସ୍ ଆଣ୍ଡ କନ୍‌ସେପ୍ଟ ସ୍କୁଲ୍‌ର ପ୍ରିନ୍ସପାଲ୍ ଆଦିତ୍ୟ ପ୍ରସାଦ ନାୟକ



ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସିଏସ୍‌ଆର୍ ସଂଯୋଜକ ରତିରଞ୍ଜନ ମିଶ୍ର



ଓମ୍‌ଫେଡ୍ ପକ୍ଷରୁ ମନୋରଞ୍ଜନ ମିଶ୍ର



ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ (ଗିତମ୍) ଏନ୍‌ଏସ୍‌ଏସ୍ ଅଫିସର ଅଭିଜିତ୍ ନାୟକ



ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ସୌମେନ୍ଦ୍ର ବେହେରା

